EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ। ପରିବାରରେ ଶାନ୍ତି ବଜାୟ ରହିବ

**ବୃଷ** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ମିଥୁନ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**କର୍କଟ** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**କନ୍ୟା** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର କରିବେ।

**ତୁଳା** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ବିଛା** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ଧନୁ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ମକର** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**କୁମ୍ଭ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ। ପରିବାର ଶାନ୍ତି ବଜାୟ ରହିବ।

**ମୀନ** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପାକିସ୍ତାନକୁ ମିଳିବନି ଏଫ୍ଏଟିଏଫ୍ ଅନୁକମ୍ପା



**ଇସ୍‌ଲାମାବାଦ :** ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିରୋଧରେ ପ୍ରାୟ ୧୧ଟି ବିରୋଧୀ ଦଳ ମେଳି କରିଥିବାରୁ ପାକିସ୍ତାନକୁ ଏଫ୍ଏଟିଏଫ୍ (ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କଫୋର୍ସ) ଅନୁକମ୍ପା ମିଳିବା ବାଧାପ୍ରାପ୍ତ ହୋଇଛି। ଆତଙ୍କୀ ସଂଗଠନକୁ ଆଶ୍ରୟ ଓ ପ୍ରଶ୍ରୟକୁ ଘୋର ବିରୋଧ କରିଆସୁଥିବା ଏଫ୍ଏଟିଏଫ୍ ସତର୍କ ଦୃଷ୍ଟିରୁ ପାକିସ୍ତାନ ବାଦ ପଡ଼ିବାର ସମ୍ଭାବନା ନାହିଁ। ପାକିସ୍ତାନର ବିରୋଧୀ ଦଳଗୁଡ଼ିକ ମଧ୍ୟ ଇମ୍ରାନ୍‌ଙ୍କ ଆତଙ୍କୀ ପ୍ରୀତିକୁ ଖୋଲାଖୋଲି ସମାଲୋଚନା କରୁଛନ୍ତି। ଫଳରେ ଏଫ୍ଏଟିଏଫ୍ ମନରେ ସନ୍ଦେହ ସୃଷ୍ଟି ହୋଇଛି। ପାକ୍ ସରକାର ଆତଙ୍କୀ ସଂଗଠନ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଥିବା ସମ୍ପର୍କରେ ଯାବତୀୟ ପ୍ରମାଣ ଉପସ୍ଥାପନ କଲେ ମଧ୍ୟ ଏଫ୍ଏଟିଏଫ୍ ତାକୁ ବିଶ୍ୱାସ କରୁନାହିଁ। ୨୦୧୯ ଅକ୍ଟୋବର ବୈଠକରେ ଏଫ୍ଏଟିଏଫ୍ ପାକିସ୍ତାନକୁ ଆତଙ୍କୀ ସଂଗଠନଗୁଡ଼ିକ ବିରୋଧରେ ୨୭ ସୂତ୍ରୀ ଚିଠା ପ୍ରଦାନ କରି ତଦନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲା। ମାତ୍ର ପାକ୍ ସରକାର ସେଥିପ୍ରତି ଗୁରୁତ୍ୱ ଦେଉନଥିବା ବିରୋଧୀଙ୍କ ମିଳିତ ମେଳିରୁ ଜଣାପଡ଼ିଛି। ଅକ୍ଟୋବର ୨୧-୨୩ରେ ପ୍ୟାରିସ୍‌ରେ ଏଫ୍ଏଟିଏଫ୍ ବୈଠକ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ପାକିସ୍ତାନ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବା ସୁନିଶ୍ଚିତ ପ୍ରାୟ। ପାକିସ୍ତାନରେ ଏବେମଧ୍ୟ ଜୈଶ-ଇ-ମହମ୍ମଦ (ଜେଇଏମ୍) ଓ ଲସ୍କର୍-ଇ-ତୋଇବା ଆତଙ୍କୀ ସଂଗଠନ ଆସ୍ଥାନ ଜମାଇ ଜମ୍ମୁ-କଶ୍ମୀରର ନିରୀହ ଜନସାଧାରଣ ଓ ସୁରକ୍ଷାବାହିନୀକୁ ହମ୍‌ଲା କରୁଥିବା ପ୍ରମାଣ ଏଫ୍ଏଟିଏଫ୍ ହାତରେ ପଡ଼ିଛି। ଭାରତରେ ଆତଙ୍କୀ ହମ୍‌ଲା ପାଇଁ ୨୦୧୬ ପଠାନ୍‌କୋଟ୍ ବାୟୁସେନା ଘାଟି ହମ୍‌ଲାର ମୁଖ୍ୟ ଅଭିଯୁକ୍ତ କାସିମ ଜାନ ଓ ଲସ୍କର ପ୍ରତିଷ୍ଠାତା ହାଫିଜ ସୈଦଙ୍କ ପୁଅ ତାଲ୍‌ହା ହାତ ମିଳାଇଛନ୍ତି। ଏଫ୍ଏଟିଏଫ୍ ଅନୁକମ୍ପା ପାଇବା ପାଇଁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଲିବାନ ଓ ହାକ୍କାନି ନେଟ୍‌ୱର୍କକୁ ମନାଇବା ଉଦ୍ୟମ ଚଳାଇଛି ବୋଲି ପାକ୍ ରାଜନୀତି ବିଶାରଦମାନେ ଭାବୁଛନ୍ତି। ଚଳିତ ଖ୍ରୀଷ୍ଟମାସ ପୂର୍ବରୁ ଆମେରିକା ସେନା ଆଫଗାନିସ୍ତାନ ଛାଡ଼ିବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବହୁ ପୂର୍ବରୁ ଘୋଷଣା କରିଛନ୍ତି।

# ମହିଳାଙ୍କ ପ୍ରତି ଅପରାଧ ରୋକିବା ପାଇଁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଦେଶରେ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧକୁ ନେଇ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଚିଠି ଲେଖି ଏହାକୁ ରୋକିବା ପାଇଁ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ମହିଳାଙ୍କ ପ୍ରତି ହେଉଥିବା ଅପରାଧର ନିରାକରଣ କ୍ଷେତ୍ରରେ କୌଣସି ତ୍ରୁଟି ଘଟିଲେ ଏହାର ତଦନ୍ତ ହେବ ଏବଂ ଦାୟୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏହି ନିର୍ଦ୍ଦେଶନାମରେ କୁହାଯାଇଛି। ଗତ କିଛି ଦିନ ହେଲା ଦେଶରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ମାମଲାରେ ବୃଦ୍ଧି ଘଟିଛି। ଉତ୍ତରପ୍ରଦେଶର ହାଥରସ ମାମଲା ପରେ ଉତ୍ତରପ୍ରଦେଶ ପୁଲିସର ଉଦାସିନତାକୁ ନେଇ କଡ଼ା ସମାଲୋଚନା ହେଉଛି। ହାଥରସ ମାମଲାରେ ପୁଲିସ ପ୍ରାରମ୍ଭିକ ତଦନ୍ତ ଓ ପଦକ୍ଷେପ ନେବାରେ ଯେଉଁଭଳି ହେଳା ଦେଖାଇଥିଲା ତାକୁ ନେଇ ଉତ୍ତର ପ୍ରଦେଶ ସରକାରକୁ ମଧ୍ୟ ଚାରି ଆଡୁ ସମାଲୋଚିତ ହେବାକୁ ପଡିଥିଲା। ଦେଶରେ ଘଟୁଥିବା ଅଧିକାଂଶ ଦୁଷ୍କର୍ମ ମାମଲାରେ ପୀଡିତାଙ୍କୁ ଥାନାର ଅଭିଯୋଗ ଟିଏ ଦେବା ପାଇଁ ବହୁ ହଇରାଣ ହରକତ ହେବାକୁ ପଡିଥାଏ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ଗୃହମନ୍ତ୍ରଣାଳୟ କହିଛି ଯେ, ଏତଲା ରଖିବାରେ ପୁଲିସ କୌଣସି ପ୍ରକାର ବାହନା କରିପାରିବ ନାହିଁ। ଏତଲା ଦାଏର କରିବା ଅନିବାର୍ଯ୍ୟ। ମନ୍ତ୍ରଣାଳୟ ତରଫରୁ ଆଇପିସି ଓ ସିଆରପିସିର ବିଭିନ୍ନ ଧାରା ଉଲ୍ଲେଖ କରି କୁହାଯାଇଛି ଯେ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହାର ଅନୁପାଳନ ସୁନିଶ୍ଚିତ କରନ୍ତୁ।

# ଅନୁପ୍ରବେଶକାରୀଙ୍କ ସଂଖ୍ୟା ୭୫% ହ୍ରାସ : ସେନା

**ଶ୍ରୀନଗର :** ଗତବର୍ଷ ତୁଳନାରେ ବର୍ତ୍ତମାନ ସୀମା ସ୍ଥିତି ଭଲ ରହିଛି ବୋଲି ସେନା ଅଫିସର ଲେଫ୍ଟନାଣ୍ଟ ଜେନେରାଲ୍ ବିଏସ୍ ରାଜୁ ସୂଚନା ଦେଇଛନ୍ତି। ତେବେ ପାକ୍ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ ହେଉଥିବା ବେଳେ ସେନା ପକ୍ଷରୁ ସେମାନଙ୍କୁ ପ୍ରତିଜବାବ ଦିଆଯାଉଛି। ଏହାଛଡ଼ା ସୀମାରେ ଅନୁପ୍ରବେଶକାରୀଙ୍କ ଉପରେ ନିୟନ୍ତ୍ରଣ ରଖିବାରେ ସେନା ସଫଳ ହୋଇଛି ବୋଲି ସେ କହିଛନ୍ତି। ୨୦୧୯ରେ ୧୩୦ଜଣ ସୀମାରେ ଅନୁପ୍ରବେଶ କରିଥିବା ବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୩୦ ଭିତରେ ସୀମିତ ରହିଛି। ଗତ ଛଅମାସରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ କମିଯାଇଥିବା ବେଳେ ସେପ୍ଟେମ୍ବରରେ ଏହି ସଂଖ୍ୟାରେ କିଛିମାତ୍ରାରେ ବୃଦ୍ଧି ପାଇଥିବା ଦେଖାଦେଇଛି। ତେବେ ଭାରତରୁ ବାହାରକୁ ଯାଇଥିବା କିଛି ଆତଙ୍କୀ ସେନା ନିକଟରେ ଆତ୍ମସମର୍ପଣ କରୁଛନ୍ତି ବୋଲି ଲେଫ୍ଟନାଣ୍ଟ ଜେନେରାଲ୍ ସୂଚନା ଦେଇଛନ୍ତି।

# 'ରୁଦ୍ରମ୍'ର ସଫଳ ପରୀକ୍ଷଣ



**ନୂଆଦିଲ୍ଲୀ :** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ବିକଶିତ ହୋଇଥିବା ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର 'ରୁଦ୍ରମ୍'ର ପରୀକ୍ଷଣ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କ୍ଷେପଣାସ୍ତ୍ର କେନ୍ଦ୍ରର ଅବଦୁଲ କାଲାମ ଦ୍ୱିଲର ଦ୍ୱୀପର ୪ନମ୍ବର ଲଞ୍ଚପ୍ୟାଡରେ ଏକ ସୁଖୋଇ ୩୦ ଯୁଦ୍ଧ ବିମାନରୁ ସଫଳତାର ସହ ପରୀକ୍ଷଣ କରାଯାଇଛି। ସୂଚନା ଅନୁସାରେ, 'ରୁଦ୍ରମ'ହେଉଛି ଭାରତୀୟ ବାୟୁସେନା ପାଇଁ ଦେଶର ପ୍ରଥମ ସ୍ୱଦେଶୀ ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର। ଏହି ମିସାଇଲକୁ ତାହାର ଲଞ୍ଚ ଅବସ୍ଥା ଉପରେ ଆଧାର କରି ବିଭିନ୍ନ ରେଞ୍ଜର କ୍ଷମତା ରଖାଯାଇଛି। ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର ଗୁଡିକ ଶତ୍ରୁଙ୍କ ରାଡାର ବିରୋଧରେ ବ୍ୟବହାର ପାଇଁ ଡିଜାଇନ ହୋଇଛି। ଏଥିରେ ଚୂଡାନ୍ତ ଆକ୍ରମଣ ପାଇଁ ପାସିଭ ହୋମିଂ ହେଡ ସହିତ ଆଇଏନଏସ ଜିପିଏସ ନେଭିଗେସନ ରହିଛି। 'ରୁଦ୍ରମ' ଠିକ ଭାବେ ବିକିରଣ ଲକ୍ଷ୍ୟକୁ ଟାର୍ଗେଟ ବା ଧକ୍କା ଦେଇଛି। ପ୍ରୋଗ୍ରାମ ହୋଇଥିବା ପରି ଏକ ଫ୍ରିକ୍ୱେନସିରେ ଏକ ବ୍ୟାପକ ବ୍ୟାଣ୍ଡ ବୋଲି ଏଥିରେ କୁହାଯାଇଛି। ଏହି କ୍ଷେପଣାସ୍ତ୍ର ଶତ୍ରୁର ରାଡାର, ଯୋଗାଯୋଗ ସାଇଟ ଏବଂ ଅନ୍ୟାନ୍ୟ ଆରଏଫ ନିର୍ଗତ ଲକ୍ଷ୍ୟକୁ ନିରପେକ୍ଷ କରିବ ବୋଲି ଜଣାଯାଇଛି। ଏହି କ୍ଷେପଣାସ୍ତ୍ରଟି ୧୪୦କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଥିବା ବେଳେ ଏହାର ଦର୍ଘ୍ୟ ୫.୫ ମିଟର ବା ୧୮ଫୁଟ। ଏହି କ୍ଷେପଣାସ୍ତ୍ରଟିର ଇଞ୍ଜିନ ଡୁଆଲ ପଲ୍ସଡ ରକେଟ ମୋଟର ହୋଇଥିବା ବେଳେ ଏଥିରେ କଠିନ ଇନ୍ଧନ ବ୍ୟବହୃତ ହୋଇଥାଏ। ଏହାର ଲକ୍ଷଭେଦୀ କ୍ଷମତା ୧୦୦କିମିରୁ ୨୫୦କିମି ହୋଇଥିବା ବେଳେ ଆକାଶ ମାର୍ଗରେ ୫ଶହ ମିଟର ଉଚ୍ଚତାରେ ୧୫କିମି ପର୍ଯ୍ୟନ୍ତ ଉଡାଣ କରିବାର କ୍ଷମତା ରହିଛି।

## କୋଭିଡ୍ ପାଇଁ ବିଶ୍ୱ ବ୍ୟାଙ୍କର ଚେତାବନୀ

# ଦାରିଦ୍ର୍ୟର ସମ୍ମୁଖୀନ ହେବେ ବିଶ୍ୱର ୧୫୦ କୋଟି ଲୋକ




**ନୂଆଦିଲ୍ଲୀ,୭।୧୦:** କରୋନା ଭାଇରସ୍ ମହାମାରୀ ସମଗ୍ର ବିଶ୍ୱରେ ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିରୁ ବହୁତ କ୍ଷତି ଘଟାଇଛି। ବିକାଶଶୀଳ ଦେଶମାନଙ୍କ ସହିତ ଭୂତାଣୁ ଯୋଗୁଁ ବିକଶିତ ଦେଶର ଅର୍ଥନୀତି ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ତ୍ତମାନ ମହାମାରୀ ହେତୁ ୨୦୨୧ ସୁଦ୍ଧା ୧୫ ମିଲିୟନ (୧୫୦ ନିୟୁତ) ଲୋକ ଅତ୍ୟଧିକ ଦାରିଦ୍ର୍ୟରେ ପଡିବେ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି। ମହାମାରୀକୁ ଦୃଷ୍ଟିରେ ରଖି ବିଶ୍ୱ ବ୍ୟାଙ୍କ ଚେତାବନୀ ଦେଇଛି ଯେ, ୨୦୨୧ ସୁଦ୍ଧା ୮୮ ରୁ ୧୫୦ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟର ସମ୍ମୁଖୀନ ହୋଇପାରନ୍ତି। ମଧ୍ୟମ ଆୟକାରୀ ଦେଶର ୮୨% ଲୋକ ଘର ଚଳାଇବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଶ୍ୱ ବ୍ୟାଙ୍କର ଦ୍ୱିବର୍ଷୀୟ ଦାରିଦ୍ର୍ୟ ଏବଂ ଅଂଶୀଦାର ସମୃଦ୍ଧତା ରିପୋର୍ଟ ଅନୁଯାୟୀ, ୨୦୨୦ ମସିହାରେ ଦାରିଦ୍ର୍ୟ ହାର ୭.୯%କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥିସହିତ ବିଶ୍ୱ ଜନସଂଖ୍ୟାର ମାତ୍ର ୧.୪% ଲୋକ ମହାମାରୀ ସତ୍ତ୍ୱେ ନିଜର ସ୍ଥିତାବସ୍ଥା ବଜାୟ ରଖିପାରିବେ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ବିଶ୍ୱ ବ୍ୟାଙ୍କ ଗ୍ରୁପ୍‌ର ସଭାପତି ଡେଭିଡ ମାଲପାସଙ୍କ ସୂଚନା ଅନୁସାରେ ବିକାଶ, ପ୍ରଗତି ତଥା ଦାରିଦ୍ର୍ୟ ଦୂର କରିବା ପାଇଁ ପୁଞ୍ଜି, ଶ୍ରମ, କୌଶଳ ଏବଂ ନୂତନତ୍ୱକୁ ବୃତ୍ତି ଏବଂ କ୍ଷେତ୍ରକୁ ଆଣିବା ପାଇଁ ଦେଶ ଗୁଡିକ ଏକ ପୃଥକ ଅର୍ଥନୀତି ସୃଷ୍ଟି କରିବା ଆବଶ୍ୟକ। ଯଦି କୋଭିଡ୍-୧୯ ମହାମାରୀ ନିୟନ୍ତ୍ରିତ ନ ହୁଏ, ତେବେ ଦାରିଦ୍ର୍ୟ ଦୂର କରିବାର ଲକ୍ଷ୍ୟ ୨୦୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ଏବଂ ବିଶ୍ୱର ଦାରିଦ୍ର୍ୟ ହାର ପ୍ରାୟ ୭% ହୋଇପାରେ ବୋଲି ଡେଭିଡ କହିଛନ୍ତି।

# ଚୀନ୍ ଉପରୁ ବିଶ୍ୱାସ ହରାଉଛି ବିଶ୍ୱ : ସର୍ଭେ



**ନୂଆଦିଲ୍ଲୀ :** ଚୀନ୍ ଏବଂ ତା'ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ଉପରୁ ସମଗ୍ର ବିଶ୍ୱ ବିଶ୍ୱାସ ହରାଉଛି। କୋଭିଡ୍-୧୯ ପରବର୍ତ୍ତୀ ବିଶ୍ୱରେ ଏହି ସାଧାରଣ ମନୋଭାବ କଥା ଯୁକ୍ତରାଷ୍ଟ୍ର ଆମେରିକାର 'ପିଉ ରିସର୍ଚ୍ଚ ସେଣ୍ଟର' ଦ୍ୱାରା କରାଯାଇଥିବା ସର୍ଭେ ସୁନିଶ୍ଚିତ କରିଛି। ଗତ ବର୍ଷେ ହେବ ଚୀନ୍ ବିପକ୍ଷରେ ଅଧିକ ପ୍ରତିକୂଳ ମତ ଆସିଥିବା କଥା ୧୪ଟି ଦେଶରେ କରାଯାଇଥିବା ଏହି ସର୍ଭେରୁ ଜଣାପଡିଛି। ମଙ୍ଗଳବାର ଦିନ ରିଲିଜ୍ ହୋଇଥିବା 'ପିଉ ରିସର୍ଚ୍ଚ ସେଣ୍ଟର'ର ଏହି ସର୍ଭେ ଫଳାଫଳ ଅନୁସାରେ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ, ସ୍ୱିଡେନ୍, ଯୁକ୍ତରାଷ୍ଟ୍ର ଆମେରିକା, ଦକ୍ଷିଣ କୋରିଆ, ସ୍ପେନ୍ ଏବଂ କାନାଡା ପ୍ରଭୃତି ଦେଶରୁ ସର୍ବାଧିକ ନକାରାତ୍ମକ ମତାମତ ମିଳିଛି। ଏବର୍ଷ ଜୁନ୍ ୧୦ରୁ ଅଗଷ୍ଟ ୩ ମଧ୍ୟରେ କରାଯାଇଥିବା ଏହି ସର୍ଭେରେ ୧୪,୨୭୬ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ଠାରୁ ଟେଲିଫୋନ୍ ଯୋଗେ ମତ ଲୋଡା ଯାଇଥିଲା। ଗତ ଏକ ଦଶନ୍ଧି ହେବ 'ପିଉ ରିସର୍ଚ୍ଚ ସେଣ୍ଟର' ଏଭଳି ମତ ସଂଗ୍ରହ ପ୍ରକ୍ରିୟା ଚଳାଇ ଆସୁଛି। 'ପିଉ ରିସର୍ଚ୍ଚ ସେଣ୍ଟର' କହିଛି, ଅଷ୍ଟ୍ରେଲିଆରେ ଚୀନ୍ ବିପକ୍ଷରେ ସବୁଠୁ ଅଧିକ ନକରାତ୍ମକ ମତ ମିଳିଛି। ଏଥର ସେଠାରେ ୮୧% ଚୀନ୍ ବିରୋଧରେ ମତ ଦେଇଛନ୍ତି। ଗତବର୍ଷ ଅପେକ୍ଷା ଏ ବର୍ଷର ନକାରାତ୍ମକ ମତ ୨୪% ଅଧିକ। ଇଂଲଣ୍ଡରେ ଏକ ତୃତୀୟାଂଶ ଚୀନ୍ ବିପକ୍ଷରେ ମତ ଦେଇଥିବାରୁ ଗତବର୍ଷ ତୁଳନାରେ ନକାରାତ୍ମକ ମତ ୧୯% ଅଧିକ ହୋଇଛି। ସେହିଭଳି ଡୋନାଲ୍‌ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରଠାରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଚୀନ୍ ବିପକ୍ଷ ମତ ପ୍ରାୟ ୨୦% ବୃଦ୍ଧି ପାଇଛି। କେବଳ ଗତବର୍ଷ ଚୀନ୍ ବିରୋଧୀ ମତ ୧୩ ପଏଣ୍ଟ ବୃଦ୍ଧି ପାଇଛି। ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ କୋଭିଡ୍-୧୯ ସଂକ୍ରମଣ ପରିଚାଳନା ଏବଂ ପରବର୍ତ୍ତୀ ସମୟରେ ଏହାର ବିସ୍ତାରକୁ କାରଣ କରି ଚୀନ୍ ବିରୋଧରେ ବିଶ୍ୱବ୍ୟାପୀ ପ୍ରତିକୂଳ ମତ ବୃଦ୍ଧି ପାଇଛି। ୧୪ଟି ଦେଶରେ ଚୀନ୍‌ର କରୋନା ଭାଇରସ୍ ନୀତି ଉପରେ କରାଯାଇଥିବା ପ୍ରଥମ ସର୍ଭେରେ ୬୧% କହୁଛନ୍ତି କି, ଚୀନ୍ ଭଲ କାମ କରିନାହିଁ। ୭୮% କହିଛନ୍ତି ଯେ, ବିଶ୍ୱ ବ୍ୟାପାରରେ ସି ଜିନ୍‌ପିଙ୍ଗ୍‌ଙ୍କ ଉପରେ ସେମାନଙ୍କର ଭରସା ନାହିଁ। ଏହା ବ୍ୟତିରେକ, ଜିନ୍‌ପିଙ୍ଗ୍‌ଙ୍କ ଜନପ୍ରିୟତା ମଧ୍ୟ ଖୁବ୍ ହ୍ରାସ ପାଇଥିବା କଥା ଏହି ସର୍ଭେରୁ ଜଣାପଡିଛି।

# 'ଆନ୍ଦୋଳନ ନାଁରେ ରାସ୍ତା ଅବରୋଧ କରିପାରିବେନି'



**ନୂଆଦିଲ୍ଲୀ :** ଆନ୍ଦୋଳନ କରିପାରିବାର ଅଧିକାର ସମସ୍ତଙ୍କର ରହିଛି। ଏହାର ଅର୍ଥ ନୁହେଁ ଆନ୍ଦୋଳନ ନାଁରେ ରାସ୍ତାଘାଟ ବନ୍ଦ କରିବ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ପ୍ରତିବାଦ କରିହେବ। ନାଗରିକତା ସଂଶୋଧନ ଆଇନକୁ ବିରୋଧ କରି ଦିଲ୍ଲୀ ଶାହିନବାଗରେ ହୋଇଥିବା ଆନ୍ଦୋଳନ ମାମଲାରେ ଶୁଣାରି କରି ସୁପ୍ରିମ୍‌କୋର୍ଟ ଆଜି ଏଭଳି ରାୟ ଶୁଣାଣି କରିଛନ୍ତି। ଜଷ୍ଟିସ ସଞ୍ଜୟ କିଶାନ କୌଲଙ୍କେ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଣି କରିଛନ୍ତି। ଅନ୍ୟ ଦୁଇଜଣ ବିଚାରପତି ହେଲେ ଜଷ୍ଟିସ ଅନିରୁଦ୍ଧ ବୋଶ ଏବଂ ଜଷ୍ଟିସ କୃଷ୍ଣ ମୁରାଇ। ରାସ୍ତାରେ କିମ୍ବା ସର୍ବସାଧାରଣ ସ୍ଥାନରେ ଆନ୍ଦୋଳନ କରିବା ବେଳେ ଲୋକମାନେ ଯତ୍ନବାନ ହେବା ଉଚିତ୍। ବିରୋଧୀର ମଧ୍ୟ ସୀମା ଅଛି। ସର୍ବସାଧାରଣ ସ୍ଥାନ ଗୁଡିକ ପିକେଟିଂ ପ୍ରଦର୍ଶନ ପାଇଁ କର୍ତ୍ତନ କରାଯିବା ଉଚିତ ନୁହେଁ। ଏହା ଲୋକଙ୍କୁ ସମସ୍ୟାରେ ପକାଉଛି ବୋଲି କୋର୍ଟ କହିଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ବିରୋଧ କରିବାର ଅଧିକାର କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବଢୁଛି। ଯାତାୟାତର ଅଧିକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇପାରିବ ନାହିଁ। ସାହିନ୍‌ବାଗରେ ମଧ୍ୟସ୍ଥତା ଉଦ୍ୟମ ସଫଳ ହୋଇନାହିଁ, କିନ୍ତୁ ଆମେ ଏହାକୁ ନେଇ ଅନୁତାପ କରୁନାହୁଁ। ସର୍ବସାଧାରଣ ସଭାଗୁଡିକ ଉପରେ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ, କିନ୍ତୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରତିବାଦ ହେବା ଆବଶ୍ୟକ। ସମ୍ବିଧାନ ବିରୋଧ କରିବାର ଅଧିକାର ଦେଇଥାଏ, କିନ୍ତୁ ଏହାକୁ ସମାନ କର୍ତ୍ତବ୍ୟ ସହିତ ମିଶ୍ରଣ କରାଯିବା ଉଚିତ। ବିରୋଧ କରିବାର ଅଧିକାର ଟ୍ରାଫିକ ଅଧିକାର ସହିତ ସନ୍ତୁଳିତ ହେବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ପ୍ରଶାସନ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ, କୋର୍ଟଙ୍କ ଆଦେଶକୁ ଅପେକ୍ଷା କରିବା ଉଚିତ୍ ନୁହେଁ।

# ସାଇବର ସୁରକ୍ଷା ନେଇ ଭାରତ-ଜାପାନ ଚୁକ୍ତି



**ଟୋକିଓ :** ୫-ଜି ଏବଂ କ୍ରିଟିକାଲ ଇନ୍‌ଫରମେସନ ଇନଫ୍ରାଷ୍ଟ୍ରଚର କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ବୁଧବାର ଭାରତ ଓ ଜାପାନ ସାଇବର ସୁରକ୍ଷା ଚୁକ୍ତି ଚୂଡାନ୍ତ କରିଛନ୍ତି। ଟୋକିଓରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଜାପାନ ବିଦେଶ ମନ୍ତ୍ରୀ ତୋଷିମିତ୍‌ସୁ ମୋଟେଗିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଅବସରରେ ଏହି ଚୁକ୍ତି ଚୂଡାନ୍ତ ହୋଇଛି। ଏହାଛଡ଼ା ଅବାଧ ଓ ଉନ୍ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରିୟ ଅଞ୍ଚଳ ନିମନ୍ତେ କାର୍ଯ୍ୟ କାରିବାକୁ ଦୁଇ ଦେଶ ସମ୍ମତ ହୋଇଛନ୍ତି। ଦୁଇ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଏକ ମିଳିତ ବିବୃତ୍ତିରେ ଏହା କୁହାଯାଇଛି। ଏହି ଦ୍ୱିପାକ୍ଷିକ ବୈଠକରେ ତ୍ରୟୋଦଶ ଆଲୋଚନାରେ ରଣନୀତିକ ଭାଗିଦାରୀ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଏଥିସହ ସାମୁଦ୍ରିକ ସୁରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ଉତ୍ପାଦନ ଦକ୍ଷତା ବିକାଶ, ଯୋଗାଯୋଗ, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ, ଭାରତ-ପ୍ରଶାନ୍ତ ମହାସାଗର ପ୍ରସଙ୍ଗ ଓ ଜାତିସଂଘରେ ସଂସ୍କାର ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଦୃଢ଼ ଡିଜିଟାଲ ଏବଂ ସାଇବର ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ସହ ଉଭୟ ଦେଶର ବୈଦେଶିକ ମନ୍ତ୍ରୀ ସାଇବର ସୁରକ୍ଷା ଚୁକ୍ତିନାମା ଚୂଡାନ୍ତ ରୁପରେଖକୁ ସ୍ୱାଗତ କରିଛନ୍ତି। ଏହି ଚୁକ୍ତିନାମାରେ ଦକ୍ଷତା ବିକାଶ, ଅନୁସନ୍ଧାନ ଏବଂ ବିକାଶ, ୫-ଜି, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ସହଯୋଗ ବ୍ୟବସ୍ଥା ରହିଛି। ଜୟଶଙ୍କର ଏବଂ ମୋଟେଗି ଏକମତ ହୋଇଥିଲେ ଯେ କରୋନା ମହାମାରୀ ଜନିତ ଆହ୍ୱାନଗୁଡିକ ଦୂର କରିବାରେ ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ତଥା ସ୍ଥାୟୀ ସହଭାଗିତା ସେମାନଙ୍କୁ ସାହାଯ୍ୟ କରିବ। ଦୁଇ ନେତା ସ୍ୱତନ୍ତ୍ର, ମୁକ୍ତ ଏବଂ ଭାରତ-ପ୍ରଶାସନ ମହାସାଗର ଅଞ୍ଚଳରେ ସମାବେଶୀ ଯୋଗାଣ ଶୃଙ୍ଖଳା ପ୍ରାଣାଳୀ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତ, ଜାପାନ, ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ସମାନ ଦେଶ ସହିତ ଯୋଗାଣ ଶୃଙ୍ଖଳା ବ୍ୟବସ୍ଥା ଗଠନ ପାଇଁ ସେମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ ମୁକାବିଲା ସମୀକ୍ଷା

# ରାଜ୍ୟରେ ଆରୋଗ୍ୟ ହାର ୮୯%

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ଗତ ୮ମାସ ଧରି କୋଭିଡ୍ ବିରୁଦ୍ଧରେ ଚାଲିଥିବା ଏହି ଲଢ଼େଇରେ କାମ କରିଚାଲିଥିବା କୋଭିଡ୍ ଯୋଦ୍ଧା ମାନଙ୍କ ନିଷ୍ଠାର ଉଚ୍ଚପ୍ରଶଂସା କରିବା ସହିତ ସହିଦ୍ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଅନୁକମ୍ପା ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ସହିଦ ଯୋଦ୍ଧାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ତଦନୁଯାୟୀ ରାଜ୍ୟ ସରକାର କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟ କରୁଥିବା ସମୟରେ ସହିଦ୍ ହୋଇଥିବା ୬୦ଜଣ ଯୋଦ୍ଧାଙ୍କର ନାମ ତାଲିକା ଭାରତ ସରକାରଙ୍କ ନିକଟକୁ ପଠାଇଥିଲେ। କିନ୍ତୁ ଭାରତ ସରକାର ମାତ୍ର ଜଣେ ସହିଦ୍‌ଙ୍କୁ ସହାୟତା ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର ପୁଣିଥରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥଲେ ଯେ, ବର୍ତ୍ତମାନ କୋଭିଡ୍ ପ୍ରୋଟୋକଲକୁ ଅଧିକ ଷ୍ଟାଣ୍ଡାର୍ଡାଇଜିଡ୍ କରାଯାଇଛି। ତେଣୁ କୋଭିଡ୍‌ରୁ ସୁସ୍ଥ ହେଉଥିବା ଲୋକଙ୍କର ସ୍ୱାସ୍ଥ୍ୟର ଗୁଣାତ୍ମକ ଉନ୍ନତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ରାଜ୍ୟରେ ବର୍ତ୍ତମାନ ୭୮ ପ୍ରତିଶତ ଲୋକ ଗୃହ ସଙ୍ଗରୋଧରେ ଅଛନ୍ତି। ତେଣୁ ଗୃହ ସଙ୍ଗରୋଧରେ ଥିବା ରୋଗୀ ଏବଂ କୋଭିଡ୍ ହସ୍ପିଟାଲରେ ରହିଥିବା ରୋଗୀ ମାନଙ୍କ ସହିତ ବରିଷ୍ଠ ଅଧିକାରୀମାନେ ସିଧାସଳଖ ଯୋଗାଯୋଗ କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଆଣ୍ଟି ଭାଇରାଲ ଔଷଧ ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଜାତୀୟ ଆରୋଗ୍ୟ ହାର ୮୫% ଥିବା ବେଳେ ରାଜ୍ୟରେ ଆରୋଗ୍ୟ ହାର ୮୯% ପହଞ୍ଚିଛି ବୋଲି ଜଣାଯାଇଛି। ରାଜ୍ୟରେ ଗତ ୮ମାସ ଭିତରେ ୩୬ଲକ୍ଷ ଟେଷ୍ଟ କରାଯାଇଥିବା ବେଳେ ତନ୍ମଧ୍ୟରୁ ୬.୭୫% ପଜିଟିଭ୍ କେସ୍ ବାହାରିଛି। ଆଗକୁ ପୂଜା ଋତୁ ଆସୁଥିବାରୁ ଅଧିକ ସତର୍କ ରହିବା ସହିତ କୋଭିଡ୍ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏତଦ୍‌ବ୍ୟତୀତ କୋଭିଡ୍ ନିୟମାବଳୀ ଏବଂ ଔଷଧ ସେବନ ସଂକ୍ରାନତରେ ନିୟମିତ ସଚେତନତା ଅଭିଯାନ (ଆଇଇସି କ୍ୟାମ୍ପେନ୍) ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପୋଲିସ କର୍ମଚାରୀମାନେ ଅଧିକ ସଂଖ୍ୟାରେ ପ୍ଲାଜମା ଦାନ କରିବା ପାଇଁ ଆଗେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ମୋ ସରକାରରେ ଲୋକଙ୍କ ଠାରୁ ନିଆଯାଇଥିବା ଫିଡ୍‌ବ୍ୟାକ୍ ଅନୁଯାୟୀ ଟେଷ୍ଟିଂ, ଟେଷ୍ଟିଂ ରିପୋର୍ଟ, ରୋଗୀଙ୍କୁ ସୂଚନା ଏବଂ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବା ବ୍ୟବସ୍ଥାକୁ ଆହୁରି ଦକ୍ଷତାର ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡ୍ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୃହ ସଙ୍ଗରୋଧରେ ଥିବା ରୋଗୀମାନଙ୍କର ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। କଟକ, ପୁରୀ ଓ ଭୁବନେଶ୍ୱରରେ ଏକ ଲକ୍ଷ ଆଣ୍ଟି ଭାଇରାଲ ମେଡିସିନ୍ ଦିଆଯାଇଛି ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଏହା ରୋଗୀଙ୍କୁ ଦିଆଯିବ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର କହିଥିଲେ ଯେ, ରାଜ୍ୟରେ ମୃତ୍ୟୁହାର ୦.୪ ପ୍ରତିଶତ ରହିଛି ଯାହାକି ଭାରତର ସବୁ ବଡ ବଡ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବୋତ୍ତମ ସୂଚକାଙ୍କ। ସେହିପରି ସୁସ୍ଥତା ହାରରେ ମଧ୍ୟ ଓଡ଼ିଶା ଦେଶର ରାଜ୍ୟ ମାନଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। ସେ କହିଥିଲେ ଯେ, ରାଜ୍ୟରେ ଆଇସିୟୁ, ହସ୍ପିଟାଲ ଶଯ୍ୟା ଆଦି ବ୍ୟବସ୍ଥା ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଛି। କଟକ-ଭୁବନେଶ୍ୱର ପାଇଁ ଅଧିକ ବ୍ୟବସ୍ଥା କରାଯାଉଛି। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କହିଥିଲେ ଯେ, ବର୍ତ୍ତମାନ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ପ୍ଲାଜମା ଦାନ ଅଧିକ ପରିମାଣରେ କରାଯାଉଛି ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ସଂକ୍ରମଣ ମଧ୍ୟ କମୁଛି ବୋଲି ସେ ସୂଚନା ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂହ କହିଥିଲେ ଯେ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଭାବରେ ଗୃହ ସଙ୍ଗରୋଧ ଏବଂ ଆଣ୍ଟି ଭାଇରାଲ ଡ୍ରଗ୍ ଥେରାପୀ ପାଇଁ ଏକ ସ୍ୱତନ୍ତ୍ର ପ୍ରଚାର ଅଭିଯାନ କରାଯାଇଛି। ବିଭିନ୍ନ ଟେଲିଭିଜନ ଚ୍ୟାନେଲ, ଅଲ ଇଣ୍ଡିଆ ରେଡିଓ ତଥା ସ୍ଥାନୀୟ ଚ୍ୟାନେଲ ମାନଙ୍କ ଜରିଆରେ ଏହାର ପ୍ରଚାର ପ୍ରସାର କରାଯାଉଛି। ଏହାସହିତ ୪୦ଟି ୱେବ୍ ମିଡିଆ ଚ୍ୟାନେଲ୍‌ରେ ଏବଂ ଉଭୟ ବିଭାଗର ସାମାଜିକ ଗଣମାଧ୍ୟମ ଜରିଆରେ ମଧ୍ୟ ଏହାର ପ୍ରଚାର କରାଯାଉଛି। ଏହି ବୈଠକରେ ଉନ୍ନୟନ କମିଶନ, ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।




## ୧୧୨୦ ଔଷଧ ଦୋକାନ ବିକିବେ ଫାଭିପିରାଭିର

**ଭୁବନେଶ୍ୱର :** ଏଣିକି କରୋନା ଔଷଧ ଫାଭିପିରାଭିର ସାରା ରାଜ୍ୟରେ ଉପଲବ୍ଧ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘରେ ସଙ୍ଗରୋଧରେ ଥିବା ରୋଗୀମାନଙ୍କୁ ଏହା ଯୋଗାଇ ଦିଆଯିବ। ଏହି ଔଷଧ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯିବ। ଏହାସହିତ ସ୍ୱୀକୃତିପ୍ରାପ୍ତ ଔଷଧ ଦୋକାନରୁ ମଧ୍ୟ ଏହି ଔଷଧକୁ ରୋଗୀମାନେ କିଣିପାରିବେ। ଏଥିଲାଗି ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ରାଜ୍ୟ ଔଷଧ ମହାନିୟନ୍ତ୍ରକ ପକ୍ଷରୁ ଜାରି ଏକ ଆଦେଶ ଅନୁସାରେ ସାରା ରାଜ୍ୟର ୧୧୨୦ଟି ଔଷଧ ଦୋକାନରେ ଏହା ଉପଲବ୍ଧ ହେବ। ରାଜ୍ୟର ୫ଟି ନଗର ନିଗମ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାରେ ୪୦ଟି ଲେଖାଏଁ ଔଷଧ ଦୋକାନରେ ଏହା ଉପଲବ୍ଧ ହେବ। ସେହିପରି ଅନ୍ୟ ଜିଲ୍ଲା ଗୁଡିକ ପାଇଁ ମଧ୍ୟ ଫାଭିପିରାଭିର ମିଳିବାକୁ ଥିବା ସର୍ବାଧିକ ଔଷଧ ଦୋକାନ ସଂଖ୍ୟା ନିର୍ଦ୍ଧାରିତ କରାଯାଇଛି। ଏହି ଔଷଧର ବ୍ୟବହାର ସମ୍ପର୍କରେ କିଛିଦିନ ତଳେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଇଣ୍ଟରନାଲ ମେଡିସିନ ବିଭାଗ ମୁଖ୍ୟ ଡ. ଜୟନ୍ତ ପଣ୍ଡା ସୂଚନା ଦେଇଥିଲେ। ଯେଉଁମାନଙ୍କ କୋଭିଡ୍ ପଜିଟିଭ୍ ବାହାରିଛି ଓ ସେମାନେ ଘରେ ସଙ୍ଗରୋଧରେ ଅଛନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଔଷଧ ଖାଇପାରିବେ। ମାତ୍ର ଯେଉଁ ରୋଗୀ ଲକ୍ଷଣଯୁକ୍ତ ହୋଇଥିବେ ଓ ତାଙ୍କର କିଡ୍‌ନୀ ରୋଗ, ଗାଉଟ (ଉଚ୍ଚ ୟୁରିକ ଏସିଡ), ଲିଭର ରୋଗ ଆଦି ନଥିବ, ସ୍ତ୍ରୀ ଲୋକ ହୋଇଥିଲେ ସେ ଗର୍ଭଧାରଣ କରିନଥିବେ, ତେବେ ତାଙ୍କୁ ଏହା ଦିଆଯାଇପାରିବ। ଆହୁରି ମଧ୍ୟ ରୋଗୀଙ୍କ ଲିଖିତ ସମ୍ମତି ପରେ ହିଁ ଏହି ଔଷଧ ଦିଆଯିବ। ସରକାର ୫ଦିନର ଔଷଧ ପ୍ରଦାନ କରିବେ। ପ୍ରଥମ ଦିନ ୯ଟି ବଟିକା ସକାଳେ ଓ ୯ଟି ବଟିକା ସଂଧ୍ୟାବେଳେ ଖାଇବେ। ୨ୟରୁ ୫ମ ଦିନ ପର୍ଯ୍ୟନ୍ତ ୪ଟି ବଟିକା ସକାଳେ ଓ ୪ଟି ବଟିକା ସଂଧ୍ୟାବେଳେ ଖାଇବେ।

## ‘ଓଡ଼ିଶାରେ ଗଣତନ୍ତ୍ର ନିଖୋଜ’



**ଭୁବନେଶ୍ୱର:** କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲାକୁମାର। ଏବେ ଓଡ଼ିଶାରେ ଗଣତନ୍ତ୍ର ନିଖୋଜ ହୋଇଯାଇଛି। ୨୧ ବର୍ଷ ଶାସନରେ ଥିବା ସରକାର ନିଯୁକ୍ତିଠାରୁ ଆରମ୍ଭ କରି କୃଷି, ଶିଳ୍ପ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛୁଆ ରହିବା ସରକାରୀ ଅପାରଗତାର ପରିଚୟ। ଅର୍ଥନୀତି ରସାତଳକୁ ଯାଇଥିବା ବେଳେ ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାର ଯୁବକ ଦାଦନ ଖଟିବାକୁ ଯିବା ଦୁର୍ଭାଗ୍ୟଜନକ। ପ୍ରଭୁ ଜଗନ୍ନାଥ ଏପରି ସମ୍ବେଦନହୀନ ସରକାରଙ୍କୁ କେବେବି କ୍ଷମା ଦେବେନାହିଁ ବୋଲି ଚେଲ୍ଲାକୁମାର କହିଥିଲେ। ସେହିପରି ଆଗାମୀ ଏକ ମାସ ମଧ୍ୟରେ ବ୍ଲକ, ଜିଲ୍ଲା ଏବଂ ପିସିସିର ନୂଆ ଟିମ୍ ଗଠନ ହେବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଚେଲ୍ଲାକୁମାର ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କର ସ୍ମୃତି ଚାରଣ କରିଥିଲେ। ନିଜ ବକ୍ତବ୍ୟରେ ସେ କହିଲେ ଦୀର୍ଘ ୨୧ ବର୍ଷ ଧରି ଶାସନ ପରେ ମଧ୍ୟ ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ଅଛି। ୨୦୦୦ ମସିହାରେ ରାଜ୍ୟର ଋଣ ପରିମାଣ ୧୮,୧୦୦ କୋଟି ଥିବା ବେଳେ ୨୦୨୦ ମସିହାରେ ଏହା ବୃଦ୍ଧି ପାଇ ୧,୩୦,୦୦୦ କୋଟିରେ ପହଞ୍ଚିଛି। ରାଜ୍ୟର ୩୫ଟି ବୃହତ୍ ଶିଳ୍ପ ଯଥା ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ପାରାଦ୍ୱୀପ ପୋର୍ଟ, ନାଲ୍‌କୋ ଓ ହାଲ୍ ଆଦି କଂଗ୍ରେସ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ‘ହଜାର ଦିନରେ ହଜାର ଶିଳ୍ପ’ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। କଂଗ୍ରେସ ସରକାର ସମୟରେ ଓଡିଶାରେ ୯ଟି ସୂତାକଳ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ଶିଳ୍ପ ପ୍ରତିଷ୍ଠାନ ବିଜେଡି ସରକାର ସମୟରେ ବନ୍ଦ ହୋଇଯାଇଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ କଂଗ୍ରେସ ସରକାର ସମୟରେ ପ୍ରତିଷ୍ଠା ହୋଇଥିବା ବୃହତ୍ ଜଳସେଚନ ପ୍ରକଳ୍ପ ଯଥା ହୀରାକୁଦ ଡ୍ୟାମ, ରେଙ୍ଗାଲି ପ୍ରୋଜେକ୍ଟ, ସୁବର୍ଣ୍ଣରେଖା ପ୍ରୋଜେକ୍ଟ, ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ରାବତୀ ଓ କୋଲାବ ତଥା ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ବାଦ୍ ଦେଇ ଗୋଟିଏ ବି ଜଳସେଚନ ପ୍ରକଳ୍ପ ବିଗତ ୨୧ ବର୍ଷ ଭିତରେ କରାଯାଇନାହିଁ। ଏହାବାଦ୍ ସମଗ୍ର ରାଜ୍ୟର ଚାଷ ଜମିର ମାତ୍ର ୩୫ ପ୍ରତିଶତ ଜମି ମଧ୍ୟ ଜଳସେଚିତ ହୋଇପାରୁନାହିଁ। ଏହା ବିଜେଡି ସରକାରଙ୍କ ପ୍ରଶାସନିକ ବିଫଳତାର ନଗ୍ନ ଉଦାହରଣ ବୋଲି ସେ କହିଥିଲେ। ଓଡ଼ିଶାରେ ବେକାରୀ ସମସ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅତି ଉତ୍କଟ ଏବଂ ଏହା ୨୪ ପ୍ରତିଶତ। ଯାହାକି ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। କୋଭିଡ୍ ସମୟରେ ରାଜ୍ୟକୁ ଫେରିଥିବା ୧୫ ଲକ୍ଷ ପ୍ରବାସୀ ଶ୍ରମିକ ରୋଜଗାର ନପାଇ ପୁନର୍ବାର କର୍ମସଂସ୍ଥାନ ଆଶାରେ ବାହାର ରାଜ୍ୟକୁ ଯିବା ଆରମ୍ଭ କଲେଣି।

## ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଆର୍ସେଲର ମିତଲ ଓ ନିପନ ଷ୍ଟିଲଙ୍କୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର :** ଆର୍ସେଲର ମିତଲ ଓ ନିପନ ଷ୍ଟିଲ୍ କମ୍ପାନୀର ବରିଷ୍ଠ ଅଧିକାରୀ, ଇସ୍ପାତ୍ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଯୋଗଦେବା ଅବସରରେ ପାରାଦୀପ ପେଲେଟ୍ ପ୍ଲାଣ୍ଟର କ୍ଷମତା ବୃଦ୍ଧି ଓ କଳିଙ୍ଗନଗର ଷ୍ଟିଲ୍ ହବରେ ପୁଞ୍ଜିନିବେଶ କରିବା ପାଇଁ ଆର୍ସେଲର ମିତଲ ଓ ନିପନ ଷ୍ଟିଲ(ଏଏମ୍‌ଏନ୍‌ଏସ୍)କୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ୍ ଭଳି ଯୌଥ ଉଦ୍ୟୋଗ ପୂର୍ବ ଭାରତରେ ନିଜର କ୍ଷମତା ସଂପ୍ରସାରଣ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବୋଦୟ ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଓଡ଼ିଶାରେ ବାର୍ଷିକ ଅତିରିକ୍ତ ୧୨ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ଯୋଜନାରେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ୍ ଓଡ଼ିଶାର ଶିଳ୍ପାୟନର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ସେହିପରି ପାରାଦୀପ ପ୍ଲାଣ୍ଟର କ୍ଷମତା ବୃଦ୍ଧି ହେଲେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ ଦେଶରେ ଲକ୍ଷ୍ୟ ରଖିଥିବା ବାର୍ଷିକ ୩୦ ମିଲିୟନ ଟନ(ଏମଟିପିଏ)ର ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ହାସଲ କରିପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସମନ୍ୱିତ ଇସ୍ପାତ ପେଣ୍ଠସ୍ଥଳି କଳିଙ୍ଗନଗରରେ ସ୍ଥାପନ ହେବାକୁ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ୍ ପ୍ରତିଷ୍ଠାନରେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲକୁ ସହଯୋଗ କରିବା ପାଇଁ ଆହ୍ୱାନ କରିଥିଲେ । ଏହାସହ ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା, ପ୍ରତିଯୋଗିତାମୂଳକ, ଉନ୍ନତମାନର ଇସ୍ପାତ୍, କ୍ୟାପିଟାଲ ଗୁଡ୍ ଏବଂ ଭାରତରେ ବିଶ୍ୱମାନର ଇସ୍ପାତ୍ ବ୍ୟବହାରକୁ ବଢ଼ାଇବା ଦିଗରେ ଦୃଷ୍ଟି ଦେବା ସହ ଭାରତୀୟ ଇସ୍ପାତ୍ ଅଧିକ ହେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ବୈଠକରେ ଆର୍ସେଲର ମିତଲ କମ୍ପାନୀର ଅଧିକାରୀ ଓ ନିପନ ଷ୍ଟିଲ୍ ଇଣ୍ଡିଆର ଅଧିକାରୀମାନେ ଯୋଗଦେଇ ଭବିଷ୍ୟତର ରୋଡମ୍ୟାପ୍, ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣରେ ରାଷ୍ଟ୍ରୀୟ ଇସ୍ପାତ୍ ନୀତିରେ ଲକ୍ଷ୍ୟ ରଖାଯାଇଥିବା ବାର୍ଷିକ ୩୦୦ ମିଲିୟନ ଟନ(ଏମଟିପିଏ)ର ଇସ୍ପାତ ଉତ୍ପାଦନ ଏବଂ ଏଥିରେ ଆର୍ସେଲର ମିତଲ ଓ ନିପନ ଷ୍ଟିଲ୍ ଇଣ୍ଡିଆ ଦ୍ୱାରା କଳ୍ପନା କରାଯାଇଥିବା ୩୦ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନ ଉପରେ ଆଲୋଚନା କରାଯାଇଥିଲା।

## ଏପ୍ରିଲ୍ ସୁଦ୍ଧା ସବୁ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ

**ଭୁବନେଶ୍ୱର :** ୫-ଟି ଢାଞ୍ଚାର ଉତ୍ତମ ପ୍ରଶାସନକୁ ତ୍ୱରାନ୍ୱିତ କରିବା ଦିଗରେ ଅନ୍ୟ ଏକ ବଡ଼ ପଦକ୍ଷେପ ଭାବେ ସବୁ ଗ୍ରାମପଞ୍ଚାୟତକୁ ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟରନେଟ୍ ସଂଯୋଗ କରିବା ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟ ଯୋଜନା ଆରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଏହା ସ୍ଥିର ହୋଇଛି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ମନୋଜ କୁମାର ମିଶ୍ର ଇଣ୍ଟରନେଟ୍ ସଂଯୋଗ ସମ୍ବନ୍ଧିତ ପ୍ରଶାସନିକ, ବୈଷୟିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଏ କ୍ଷେତ୍ରରେ ଭାରତ ନେଟ୍ ଯୋଜନାରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଏପ୍ରିଲ୍ ମାସ ସୁଦ୍ଧା ସମସ୍ତ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଡିଜିଟାଲ୍ ଭିତ୍ତିଭୂମି ରାଜ୍ୟ ବିକାଶର ଏକ ପ୍ରମୁଖ ଚାଳକ ହେବ। ପ୍ରତି ପଞ୍ଚାୟତର ମୁଖ୍ୟ କାରବାର କେନ୍ଦ୍ରରେ ୱାଇ-ଫାଇ ସଂଯୋଗ ଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସ୍ତରରେ ଥିବା ସବୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ମେଡିକାଲ ଆଦି ଏହି ଇଣ୍ଟରନେଟ୍ ସେବା ପାଇପାରିବେ। ଇଣ୍ଟରନେଟ୍ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଆବଶ୍ୟକ ସ୍ଥଳେ ଉନ୍ନତିକରଣ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା ବ୍ୟବସ୍ଥିତ କରିବା ପାଇଁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ପ୍ରତି ଗ୍ରାମ ପଞ୍ଚାୟତରେ ୫ଟି ଇଣ୍ଟରନେଟ୍ ପଏଣ୍ଟ ଯୋଗାଇବା ନିମନ୍ତେ ବୈଠକରେ ସ୍ଥିର କରାଯାଇଥିଲା। ସେଥିରୁ ସମସ୍ତ କାର୍ଯ୍ୟାଳୟ ଗୁଡ଼ିକ ପାଇଁ ସଂଯୋଗ ନେଇପାରିବେ। ପଞ୍ଚାୟତର ମୁଖ୍ୟ ବ୍ୟବସାୟିକ ସ୍ଥାନରେ ୱାଇ-ଫାଇ ସଂଯୋଗ ରହିବ। ଟେଲି ମେଡିସିନ୍ କେନ୍ଦ୍ର, କୃଷି-କିଓସ୍କ ଆଦିକୁ ମଧ୍ୟ ସଂଯୋଗିତ କରାଯିବ। ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର କହିଥିଲେ ଯେ, ବର୍ତ୍ତମାନ ସୁଦ୍ଧା ୨୨,୫୪୧ କିଲୋମିଟର ଅପଟିକାଲ ଫାଇବର କେବୁଲ୍ ବିଛା ସରିଛି। ଅବଶିଷ୍ଟ ୫,୦୬୯ କିଲୋମିଟର କେବୁଲ୍ କାର୍ଯ୍ୟ ଶୀଘ୍ର ସରିବ। ସେହିପରି ବର୍ତ୍ତମାନ ସୁଦ୍ଧା ୪୬୫୧ଟି ପଞ୍ଚାୟତ ଏବଂ ୨୩୦ ବ୍ଲକକୁ ଇଣ୍ଟରନେଟ୍ ସଂଯୋଗ ଦିଆଯାଇଛି। ଅବଶିଷ୍ଟ ପଞ୍ଚାୟତ ଏବଂ ବ୍ଲକ୍‌କୁ ପର୍ଯ୍ୟାୟକ୍ରମେ ସଂଯୋଗିତ କରାଯିବ। ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗ ମିଳିବାମାତ୍ରେ ସେସବୁକୁ କାର୍ଯ୍ୟକ୍ଷମ କରାଇ ବ୍ୟବହାରରେ ଲଗାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡ଼ିଥିଲା ଯେ, ବୈଦ୍ୟୁତିକ ଏବଂ ସୂଚନା ବିଦ୍ୟା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓକାକ୍ ରାଜ୍ୟର ଦୁର୍ଗମ ଅଞ୍ଚଳରେ ମୁଖ୍ୟ ବ୍ୟାଣ୍ଡୱିଡ୍‌ଥ ସଂଯୋଜକ ଭାବେ କାର୍ଯ୍ୟ ଆରମ୍ଭ କରିଛି। ବିଭାଗୀୟ ସଚିବ ଶ୍ରୀ ମିଶ୍ର କହିଥିଲେ ଯେ, ଏହି ଡିଜିଟାଲ୍ ଭିତ୍ତିଭୂମି ସମସ୍ତ ଗ୍ରାମ ପଞ୍ଚାୟତକୁ ସ୍ୱାନ୍ ନେଟ୍ ୱାର୍କ ପରିସରକୁ ଆଣିବ। ଏହାର ଡାର୍କ-ଫାଇବରକୁ ମଧ୍ୟ ବ୍ୟବସାୟିକ ଭିତ୍ତିରେ ଘରୋଇ ଟେଲିକମ୍ ଏବଂ ଇଣ୍ଟରନେଟ୍ ଯୋଗାଣକାରୀ ସଂସ୍ଥାକୁ ଲିଜ୍ ଦିଆଯାଇ ପାରିବ। ଏହି ଭିତ୍ତିଭୂମିର ଉପଯୁକ୍ତ ବିନିଯୋଗ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ସାମିଲ କରି ଏକ ସ୍ୱତନ୍ତ୍ର ଲକ୍ଷ ଭେଦୀ ସଂସ୍ଥା ଗଠନ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଏଥିପାଇଁ ଏକ ଆତ୍ମନିର୍ଭରଶୀଳ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ୍ ଚୋପ୍ରା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ବୈଦ୍ୟୁତିକ ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମନୋଜ ପଟ୍ଟନାୟକଙ୍କ ସମେତ ସଂପୃକ୍ତ ସଂସ୍ଥା ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ରାଜ୍ୟ କର୍ମଚାରୀଙ୍କୁ ଅବସର ମାସରେ ମିଳିବ ଚୂଡାନ୍ତ ଜିପିଏଫ୍

**ଭୁବନେଶ୍ୱର :** ରାଜ୍ୟ ସରକାର ଏଣିକି ନିଜର କର୍ମଚାରୀଙ୍କୁ ଅବସର ମାସରେ ହିଁ ଚୂଡାନ୍ତ ଜିପିଏଫ୍ ପ୍ରଦାନ କରିବେ। ଚୂଡାନ୍ତ ଜିପିଏଫ୍ ଏଣିକି ରାଜ୍ୟ ପେନସନ ଟ୍ରେଜେରୀରୁ ସିଧାସଳଖ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। କର୍ମଚାରୀ ଯେଉଁଭଳି ନିଜର ପେନସନ ସହ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସିଧାସଳଖ ପାଉଛନ୍ତି ଠିକ୍ ସେହିଭଳି ଭାବେ ଚୂଡାନ୍ତ ଜିପିଏଫ୍ (ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ) ଓ ଟିଚର୍ସ ପ୍ରୋଭିଡେଣ୍ଟ ଫଣ୍ଡ (ଟିପିଏଫ୍) ଏଣିକି ଅବସର କରିବା ମାସରେ ହିଁ ପ୍ରଦାନ କରାଯିବ। ଅର୍ଥ ବିଭାଗ ପକ୍ଷରୁ ଜାରି ଗାଇଡଲାଇନ୍ ଅନୁସାରେ ଏଣିକି ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଅବସର ନେବା ମାସରେ ହିଁ ଚୂଡାନ୍ତ ଜିପିଏଫ୍ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପାଇବେ। ଏହାସହିତ ଅବସର ନେବା ସହ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପାଇବେ। କର୍ମଚାରୀଙ୍କୁ ଅବସର ମାସରେ ହିଁ ଚୂଡାନ୍ତ ଜିପିଏଫ୍ ପ୍ରଦାନ ନିମନ୍ତେ ରାଜ୍ୟ ପେନସନ ଟ୍ରେଜେରୀ ଏଣିକି ନୋଡାଲ ଟ୍ରେଜେରୀ ଭାବେ କାର୍ଯ୍ୟ କରିବ। ନେସନ୍ କର୍ତ୍ତୃପକ୍ଷଙ୍କ ଭଳି ସମସ୍ତ ଜିପିଏଫ୍/ଟିପିଏଫ୍ ଚୂଡାନ୍ତ ଦେୟ କର୍ତ୍ତୃପକ୍ଷ ନିଜର କର୍ମଚାରୀଙ୍କ ଚୂଡାନ୍ତ ଜିପିଏଫ୍ ସମ୍ପର୍କରେ ରାଜ୍ୟ ପେନସନ ଟ୍ରେଜେରୀକୁ ଅବଗତ କରାଇବେ। ଏହାର ଗୋଟିଏ ଲେଖାଏଁ ନକଲ ସମ୍ପୃକ୍ତ କର୍ମଚାରୀ ଚାକିରି କରିଥିବା ଅନୁଷ୍ଠାନର ଡିଡିଓଙ୍କୁ ମଧ୍ୟ ପ୍ରଦାନ କରିବେ। ଜିଏଫ୍ ପ୍ରଦାନ ନିମନ୍ତେ କର୍ମଚାରୀଙ୍କ ବ୍ୟକ୍ତିଗତ ଉପସ୍ଥିତିର ଆବଶ୍ୟକତା ନାହିଁ। ଯେହେତୁ ସମସ୍ତ ଅର୍ଥ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ, ତେଣୁ ବ୍ୟକ୍ତିଗତ ଉପସ୍ଥିତ ହେବାର ଜରୁରୀ ନୁହେଁ ବୋଲି ଅର୍ଥ ବିଭାଗ କହିଛି। କର୍ମଚାରୀଙ୍କ ଜିପିଏଫ୍ ଆକାଉଣ୍ଟ ନମ୍ବର ଆଧାରରେ ନୋଡାଲ ଟ୍ରେଜେରୀ ସମ୍ପୃକ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଦରମା ଯାଉଥିବା ବ୍ୟାଙ୍କ ଆକାଉଣ୍ଟ ଅବା ପ୍ରୋଭିଜିନାଲ ପେନସନ ଆକାଉଣ୍ଟକୁ ଜାଣିପାରିବେ। ଯଦି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବ ତା'ହେଲେ ତାଙ୍କର ଚୂଡାନ୍ତ ଦେୟ ଆବେଦନ ସହ ଲିଗାଲ ହେୟାର ସାର୍ଟିଫିକେଟକୁ ପେନସନ ପ୍ରଦାନକାରୀ କର୍ତ୍ତୃପକ୍ଷ (ଏଜି ଅବା କଣ୍ଟ୍ରୋଲର୍ସ ଅଫ୍ ଆକାଉଣ୍ଟ)ଙ୍କ ନିକଟକୁ ଭିଡିଓ ପଠାଇବେ।



# ‘ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ’

**ଭୁବନେଶ୍ୱର :** ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଉଁଭଳି ହେବା କଥା ସେପରି ହୋଇନାହିଁ। ପଶ୍ଚିମ ଓଡିଶାର ଅନେକ କାର୍ଯ୍ୟ ଏବେ ବି ଅଧୁରା ପଡିଛି। ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ନିର୍ବାଚନ ଜିତିବା ପରେ ଏହି ପ୍ରକଳ୍ପ କାର୍ଯ୍ୟକୁ ଆରମ୍ଭ ନକରି ସମଗ୍ର ପଶ୍ଚିମ ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି। ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି। ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି। ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି। ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା। ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ। ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା। ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ । ଗଙ୍ଗାଧର ମେହେର ସ୍ମାରକ ପ୍ରେକ୍ଷାଳୟ ଓ ଗବେଷଣା କେନ୍ଦ୍ର, ପାଠଗାର ନିର୍ମାଣ କାର୍ଯ୍ୟ ୨୦୧୫ରୁ ଶେଷ ହୋଇଥିଲେ ବି ଆସବାପତ୍ର ଅଭାବ ଯୋଗୁଁ ଏହା ବ୍ୟବହାର ଉପଯୋଗୀ ହୋଇପାରିନାହିଁ । ପଶ୍ଚିମ ଓଡିଶାରେ ୧୦ଟି ଯୋଜନା ପର୍ଯ୍ୟବେକ୍ଷଣ ସଂସ୍ଥା ଓ ୪୬ଟି ନମୂନା ଯାଂଚ ସଂସ୍ଥା ପାଖରେ ୧୫୧.୬୮ କୋଟି ଟଙ୍କା ବିନିଯୋଗ ନହୋଇ ପଡିରହିଛି । ଭେଷଜ ମହାବିଦ୍ୟାଳୟ ପରିଚାଳାରେ ଅଭିଜ୍ଞତା ଅଭାବ ଯୋଗୁଁ କଳାହାଣ୍ଡି ଜାରିଙ୍ଗଠାରେ ଥିବା ଭେଷଜ ହସ୍ପିଟାଲ ଓ କଲେଜ ବନ୍ଦ ହୋଇ ରହିଛି । ରାଉରକେଲା ଓ ବଲାଙ୍ଗୀର ଭେଷଜ ମହାବିଦ୍ୟାଳୟ କ୍ଷେତ୍ରରେ ପରିଷଦର ଦାୟୀତ୍ୱହୀନତା ଯୋଗୁଁ ପଶ୍ଚିମାଚଂଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ପଶ୍ଚିମ ଓଡିଶା ବିକାଶ ପରିଷଦର ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି। କେନ୍ଦୁପତ୍ର ସଂସ୍ଥାରୁ ରାଜ୍ୟସରକାର ୨୫୦ କୋଟି ପ୍ରତିବର୍ଷ ଲାଭ ପାଉଛନ୍ତି । କେନ୍ଦୁ ପତ୍ର ତୋଳାଳି ଶ୍ରମିକ ମାନଙ୍କ ପାଇଁ ରାଜ୍ୟସରକାର ଶ୍ରମିକ ମଙ୍ଗଳ ପାଣ୍ଠି ଗଠନ କରିଥିଲେ ଏବଂ ଘୋଷଣା କରିଥିଲେ କି, ୧୦ହଜାର କେନ୍ଦୁପତ୍ର ତୋଳୁଥିବା ଶ୍ରମିକ ମାନେ ଏହି ପାଣ୍ଠିରୁ ଛାତ୍ରବୃତି ଏବଂ ବିବାହ ଓ ମୃତ୍ୟୁ ବେଳେ ଆର୍ଥୀକ ପୋତ୍ସାହନ ଆଦି ସୁବିଧା ପାଇପାରିବେ । କିନ୍ତୁ ଏବେ ଗତବର୍ଷରୁ ୨୦ ହଜାର ତୋଳୁଥିବା ଲୋକଙ୍କୁ ଏହି ସୁବିଧା ମିଳିବ ବୋଲି ରାଜ୍ୟସରକାର କହିବା ଫଳରେ ୭୫ ପ୍ରତିଶତ ଶ୍ରମିକ ଏହି ଶ୍ରମିକ ମଙ୍ଗଳ ପାଣ୍ଠିର ଲାଭରୁ ବଂଚିତ ଅଛନ୍ତି । ରାଜ୍ୟସରକାର ଏହାକୁ ପ୍ରତ୍ୟାହାର କରିବା ସହ ପୂର୍ବରୁ ଯେଉଁ ନିୟମ ଥିଲା ତାକୁ ଲାଗୁ କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି।





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ଅକ୍ଟୋବର, ୨୦୨୦

# ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥା ଲୋଡା

ସମ୍ପାଦକୀୟ



ତାରକ ମହାନ୍ତି

**ବି**ଶ୍ୱର ସର୍ବବୃହତ ରାଷ୍ଟ୍ରର ରାଷ୍ଟ୍ରପତି କରୋନା ଆକ୍ରାନ୍ତ ଥାଇ ନିର୍ଦ୍ଧାରିତ ସମୟର ୭ଦିନ ପୂର୍ବରୁ ହସ୍ପିଟାଲ ଛାଡି ବିନା ମାସ୍କରେ ପଦାକୁ ଚାଲିଆସିଲେ। ଡାକ୍ତରଙ୍କ କଥା ମାନିଲେନି କି କରୋନାକୁ ଡରିଲେନି, ଲୋକଙ୍କୁ କହିଲେ ଯେ, ସେ ଅସୁସ୍ଥ ହେଲେ କରୋନାକୁ ଭୟ କରିବା ଅନୁଚିତ। ଯେଉଁ ରାଷ୍ଟ୍ରରେ ମହାମାରୀ କରୋନା ଯୋଗୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇସାରିଲେଣି ସେଭଳି ସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱକୁ କେଉଁ ବାର୍ତ୍ତା ଦେଲେ ତାହା ଏକ ଆହ୍ୱାନ ନୁହେଁ କି! ଅନ୍ୟପକ୍ଷେ ଭାରତରେ କରୋନା ସଂକ୍ରମଣ ଯଦିଓ ସାମାନ୍ୟ କମିଥିବା ଖବର ସାମ୍ନାକୁ ଆସୁଛି ତଥାପି ଏହା ଆଶ୍ୱସ୍ତ କରିପାରିନି। ଲୋକ ଏବେ ବି କରୋନାକୁ ନେଇ ବେଶ ଚିନ୍ତିତ ରହିଛନ୍ତି। ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଜନସଂଖ୍ୟା ଆମ ଦେଶରେ, ତେଣୁ ଅଳ୍ପ ଜନସଂଖ୍ୟା ଥିବା ଦେଶ ତୁଳନାରେ ଆମର ସମସ୍ୟା ଅଧିକ ରହିବା ସ୍ୱାଭାବିକ। ସେମିତି ଦେଖିଲେ ଜନସଂଖ୍ୟା ତୁଳନାରେ ଭାରତ କରୋନା ଦ୍ୱାରା ସେତେ ଅଧିକ ପ୍ରଭାବିତ ନୁହେଁ। କିନ୍ତୁ ଜୀବନର ମୂଲ୍ୟ ଜନସଂଖ୍ୟା ଆଧାରରେ ବିଚାର କରିହେବନାହିଁ। ତେଣୁ ମହାମାରୀ କରୋନା ସଙ୍କଟ ଯେ କେବଳ ଆମକୁ କ୍ଷତିରେ ପହଞ୍ଚାଇଛି ତାହା ନୁହେଁ, କିନ୍ତୁ ବିକଶିତ ରାଷ୍ଟ୍ର ଓ ବିକାଶଶୀଳ ରାଷ୍ଟ୍ରର ଦୃଷ୍ଟିଭଙ୍ଗୀ ନରଖି ନିଜର ନାଗରିକ କିଭଳି ସୁରକ୍ଷିତ ରହିପାରିବେ ସରକାର ସେ ନେଇ ଖସଡା ପ୍ରସ୍ତୁତ କରି ଆଗକୁ ଚାଲିବା ଦରକାର। ଯାହା ଦେଖାଯାଉଛି ଜୀବିକାକୁ ନେଇ ସନ୍ଦିହାନ ଲୋକ କରୋନା ଅପେକ୍ଷା ନିଜର ଭବିଷ୍ୟତକୁ ନେଇ ଅଧିକ ଚିନ୍ତିତ ରହିଛନ୍ତି। କାରଣ ସରକାର ଯେଉଁ ଯୋଜନାର ଘୋଷଣା କରୁଛନ୍ତି ସେଥିରେ ରୋଜଗାରର ଗ୍ୟାରେଣ୍ଟି ଅପେକ୍ଷା ପରାମର୍ଶ ବେଶି ଥିବା ହୃଦବୋଧ ହେଉଛି। ବିଶେଷକରି ମହାମାରୀ ସମୟରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କ ସଙ୍କଟ ବଢ଼ିଯାଇଛି। ସରକାରୀ ଚାକିରୀ ବ୍ୟତୀତ ଘରୋଇ ଉଦ୍ୟୋଗରେ ଦରମା ଅସୁରକ୍ଷିତ ହୋଇପଡିବା ସହ ବଜାର ଦର ବଢ଼ିଚାଲିଛି। ଆୟ କମ ଖର୍ଚ୍ଚ ଅଧିକ ଭଳି ପରିସ୍ଥିତି ଲୋକଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଥିଲା ବେଳେ ନିଯୁକ୍ତି ସୁଯୋଗ ହ୍ରାସ ପାଇଚାଲିଛି। ଗତ କିଛିଦିନ ଧରି ମହାମାରୀ ଅପେକ୍ଷା ଜୀବିକା ଚିନ୍ତା ମାନସିକ ଅବସାଦକୁ ବଢ଼ାଇ ଦେଇଛି। ଯେଉଁଥିପାଇଁ କିଛି ଲୋକଙ୍କ ମନରେ ଆତ୍ମହତ୍ୟା ଭଳି ନକାରାତ୍ମକ ଚିନ୍ତାଧାରା ବୃଦ୍ଧି ପାଇବାର ଖବର ମଧ୍ୟ ସାମ୍ନାକୁ ଆସୁଛି। ହେଲେ ବିପଦ ବେଳେ ଧୈର୍ଯ୍ୟହରା ନହୋଇ କିଭଳି ବିପଦର ମୁକାବିଲା କରାଯିବ ତାହା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ୟା ଗମ୍ଭୀର ଥିବା ବେଳେ ଲାଭ କ୍ଷତିର ହିସାବ ନଖୋଜି ବଞ୍ଚିଯିବା ବଡ କଥା ବୋଲି ଭାବିବାକୁ ପଡିବ। କାରଣ ଜୀବନ ରହିଲେ ତ ବସ୍ତୁବାଦର ସୁଖ ଭୋଗ କରିବାକୁ ଇଚ୍ଛା ଜାଗ୍ରତ ହୁଏ। ତେଣୁ ବସ୍ତୁବାଦର ମାୟା କେବେହେଲେ ଜୀବନଠୁ ମୂଲ୍ୟବାନ ନୁହେଁ। ଜୀବନରେ ସର୍ବଦା ପ୍ରସଙ୍ଗ ଅନୁସାରେ ପ୍ରସ୍ତୁତି, ପରୀକ୍ଷା ନିରୀକ୍ଷା ଓ ଗବେଷଣାର ଆବଶ୍ୟକତା ରହିଆସିଛି। ଯେଉଁ ସମୟରେ ଯେଉଁ କାର୍ଯ୍ୟ ଅଧିକ ମହତ୍ତ୍ୱ ରଖେ ସେ ଦିଗରେ ମନୋନିବେଶ ହିଁ ଶ୍ରେଷ୍ଠ ପନ୍ଥା ବୋଲି ବିଚାର କରାଯାଏ। ଯାବତୀୟ ବିକାର ଶରୀରକୁ ରୋଗଗ୍ରସ୍ତ କରିଦିଏ। ଏଥିରେ ମନର ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଅସୁବିଧା ବେଳେ ମାନସିକ ଶାନ୍ତି ଓ ସ୍ଥିରତା ବଜାୟ ରଖିବା, ଭାବିଚିନ୍ତି କାର୍ଯ୍ୟ କରିବା ସବୁଠୁ ଅଧିକ ବୋଲି ବୁଝିବାକୁ ହେବ। ସଦ୍ୟ ଖବର ଅନୁସାରେ ଗତ ଏକ ସପ୍ତାହ ମଧ୍ୟରେ ଦେଶରେ ସଂକ୍ରମଣ ହାରରେ ସୁଧାର ଆସିଛି। ସେପ୍ଟେମ୍ବର ମାସରେ ସଂକମଣ ଓ ମୃତ୍ୟୁହାର ଚିନ୍ତାଜନକ ରହିଥିଲା। ଓଡ଼ିଶାରେ ମଧ୍ୟ ଏହି ସଂଖ୍ୟା ଭୟ ସଞ୍ଚାର କରୁଥିଲା।

ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜୀବିକା ସନ୍ଧାନରେ ବାହାରିଲା ବେଳେ ଜୀବନ ପ୍ରତି ଅଧକ ଧ୍ୟାନ ଦେବାକୁ ହେବ। କରୋନା ଭୂତାଣୁ ଜନିତ ସମସ୍ୟା ଏତେଶୀଘ୍ର ଶେଷ ହୋଇଯିବାର ଆଶା କମ। ତେଣୁ ଆଗାମୀ ଦିନରେ କରୋନା ସହ ଜୀବନ ଓ ପ୍ରଗତିକୁ ଗତିଶୀଳ କରାଇବା ଭଳି ନିଷ୍ପତ୍ତି ନେବାକୁ ପଡିବ। ଯଦ୍ୱାରା ଜୀବନ, ଜୀବିକାର ଗତି ପୁଣି ଆଗପରି ବେଗବାନ ହୋଇ ଅଧିକ ଭାବନା ଶକ୍ତି ଜାଗ୍ରତ କରାଇପାରିବ। ପରିବର୍ତ୍ତନ ଏକ ଧାରା, କେବେ କେଉଁ ରୂପେ ଆସିବ ତାହା ଆଗରୁ ସ୍ଥିର ହୋଇନଥାଏ। ପ୍ରକୃତି ଉପରେ ନିୟନ୍ତ୍ରଣ କରିବାର ଅଧିକାର ଯେହେତୁ କାହା ପାଖରେ ନାହିଁ, ସେତେବେଳେ ପ୍ରକୃତିକୁ ସୁରକ୍ଷା ଦେବା ମଣିଷର କର୍ତ୍ତବ୍ୟ। ପରିବର୍ତ୍ତିତ ପରିସ୍ଥିତିରେ ଜନତାଙ୍କ ଭାଗ୍ୟକୁ ନେଇ ରାଜନୀତି କରିବା ବଦଳରେ ଦେଶର ରାଜନେତା ଦେଶବାସୀଙ୍କ ଚିନ୍ତା ଅଧିକ କରିବା ଦରକାର। କ୍ଷମତାରେ ରହିବା ଲୋଭରେ ଦେଶ ତଥା ଦେଶବାସୀଙ୍କ କ୍ଷତି ଗ୍ରହଣୀୟ ନୁହେଁ। ହୁଏତ ଆଜି ଯାହା କ୍ଷମତା ବଳରେ ସମ୍ଭବ ହେଉଛି ହୁଏତ ଆସନ୍ତାକାଲିର ଇତିହାସ ତାକୁ ବଦଳେଇ ଦେବାରେ ସମର୍ଥ ହୋଇପାରିବ। ତେଣୁ ଦେଶ, ରାଜ୍ୟ ଶାସନ ବାହାନାରେ ଯେଉଁମାନେ ଲୋକଙ୍କୁ, ଜାତୀୟ ସମ୍ପଦକୁ ଓ ଜୀବନରେଖାକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥ ହାସଲ ପାଇଁ ଚିନ୍ତା କରୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ, କୌଣସି ଅନ୍ୟାୟ, ଅନୀତି ସ୍ଥାୟୀ ନୁହେଁ। ଆଜିକାଲି ଦେଶରେ ସେବକ ବଦଳରେ ଯେଉଁମାନେ ରାଜନେତା ଭାବେ ଜନତାଙ୍କ ସମସ୍ୟା ଦୂର କରିବେ କହି ଶାସନ ଗାଦିରେ ରହୁଛନ୍ତି, ସେମାନେ କେହିହେଲେ ନିଃସ୍ୱାର୍ଥପର ଭାବେ ଦେଶ, ଜନତାଙ୍କ ଚିନ୍ତା ନକରି ଦଳ, ସଂଗଠନ ଓ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବା ଫଳରେ ବିକାଶ ପାଇଁ ମଞ୍ଜୁର ଅର୍ଥ ବାଟମାରଣା ହୋଇଯାଉଛି। ସେହି ପୁରୁଣା ଧାରା ଭଳି କିଛି ନିର୍ଦ୍ଦିଷ୍ଟ ବର୍ଗ ଲୋକଙ୍କ ପାଖରେ ଅର୍ଥ, କ୍ଷମତା ରହୁଛି। ଶୋଷିତ ବର୍ଗ ପୂର୍ବଭଳି ସମାନ ଦଶା ଭୋଗି ଚାଲିଛନ୍ତି। ହେଲେ ଆମେ କେବଳ ଯୋଜନାର ନାଁ ବଦଳାଇ ବିକାଶର ଡିଣ୍ଡିମ ପିଟୁଛେ। ବାସ୍ତବ ଅଥରେ ଦେଖିଲେ ସ୍ୱାଧୀନତା ପରେ ଦେଶରେ ମୁକ୍ତ ଭାବେ ମିଳିବାକୁ ଥିବା ଶିକ୍ଷା, ସ୍ୱାସ୍ଥ୍ୟସେବା କେତେ ମହଙ୍ଗା ହୋଇଯାଇଛି। ଉନ୍ନତ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାକୁ ହେଲେ ଜୀବନର ସମସ୍ତ ସଞ୍ଚିତ ଅର୍ଥ ଏଥିପାଇଁ ନିଅଣ୍ଟ ପଡିବ। ବୁଲେଇ ବଙ୍କେଇ ଏତେପ୍ରକାର ରାଜସ୍ୱ ଆଦାୟ କରାଯାଉଛି ଯେ, ଜଣେ ସାଧାରଣ ଲୋକ ଏହା ସହଜରେ ବୁଝିପାରିବ ନାହିଁ। ଭ୍ରମାତ୍ମକ ବିଜ୍ଞାପନ ଭଳି ଶାସନ ଶୈଳୀ ମଧ୍ୟ ଲୋକଙ୍କୁ ଦୁର୍ବଳ କରିଚାଲିଛି। ଶାସକ ବର୍ଗ ଫନ୍ଦି ଫିକର କରି ଅର୍ଥ ଉପାର୍ଜନର ନୂଆ ଫଣ୍ଡା ଯୋଡି ଚାଲିଛନ୍ତି। ଯାହାଫଳରେ ଯିଏ ଧନୀ ସେ ସେମିତି ଧନୀ ତାଲିକାର ଶୀର୍ଷକୁ ବଢୁଛି। ସରକାରୀ କୃପା ନହେଲେ ସାଧାରଣ ନାଗରିକ ଯେଭଳି ନିର୍ଯ୍ୟାତନା ପାଉଥିଲା ସେଥିରୁ ମୁକ୍ତି ପାଇପାରୁନାହିଁ। ତେଣୁ ଗରିବର ଉତ୍ଥାନ ପାଇଁ ସବୁବେଳେ ନେତାମାନେ ଭାଷଣରେ କହୁଥିଲା ବେଳେ ବାସ୍ତବରେ ଗରିବଙ୍କ ଉନ୍ନତି କରାଯାଉଥିଲେ ସ୍ୱାଧୀନତାର ଏତେବର୍ଷ ପରେ ଖାଦ୍ୟ ସୁରକ୍ଷା କିମ୍ବା ସ୍ୱାସ୍ଥ୍ୟସେବା ପାଇଁ ଏତେ ଚିନ୍ତା କରିବାକୁ ପଡୁନଥାନ୍ତା। ଯେଉଁ ହାରରେ ବିକାଶ ହେବା କଥା ତାହା ଯଦି ବାସ୍ତବରେ ସମ୍ଭବ ହୋଇପାରିଥାନ୍ତା ତେବେ ସମସ୍ତଙ୍କ ନିକଟରେ ସୁବିଧା, ସୁଯୋଗ ପହଞ୍ଚିବାରେ ଅସୁବିଧା ହୁଅନ୍ତାନାହିଁ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଏ ରାତିର ସକାଳ କେବେ ?



ରଶ୍ମିତା ବେହେରା

ଏଇ ଦେଖ ତ, ଚାରିଆଡେ ଏବେ ନିଘୋଡ ଅନ୍ଧାର। ଭାରତ ଆକାଶ ଏବେ ତମସାମୟ। ଥରେ ନଜର ପକାଅ କେମିତି ଏ ଅନ୍ଧାରୀ ଇଲାକା ଭିତରେ କାଳରାତ୍ରୀର କାଳିମାର ଅହରହ ଲେଖା ଚାଲିଛି କଳଙ୍କର ମହାଅଧ୍ୟାୟ। କହବି ବା କାହାକୁ, ସରକାରୀ ଜଗୁଆଳି ଏଠି ବଡ ଚୋର ଓ ଆଇନ ବ୍ୟବସ୍ଥା କିଛି ମୁଷ୍ଟିମେୟ ଓ କ୍ଷମତା ସମ୍ପନ୍ନ ଲୋକଙ୍କ ଦ୍ୱାରା ନିର୍ମିତ କୋମଳ ତୂଳୀକଳ୍ପ ଶେଯରେ ନିଦ୍ରାଗତ। ବାସ୍ତବରେ ମାଳମାଳ ଝରକା ଫାଙ୍କରେ ଲୁହ ନିଗାଡୁଥିବା ସେ କରୁଣ ମୁହଁ ଗୁଡିକ କେତେ ଦାରୁଣ ନା! ଥରେ ଭାବନ୍ତୁ ରାତି ଅଧରେ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ କିଛି ସରକାରୀ ଚାମଚାଙ୍କ ଦ୍ୱାରା ଜଳୁଥିବା ଚିତାର ପ୍ରାସଙ୍ଗିକତା ସମ୍ପର୍କରେ। ଉତ୍ତରପ୍ରଦେଶରେ ଦିକିଦିକି ହୋଇ ଜଳିଗଲା ମନିଷାର ଚିତା। ପୁଣିଥରେ ଆଉ ଏକ ନିର୍ଭୟା ସାଜି ହାଥରସର ମନିଷା ଏକ ଅଦୃଶ୍ୟ ଅଗ୍ନି ପରୀକ୍ଷା ଦେଲା। ସେଦିନର ବୈଦେହୀ ସିନା ସମାଲୋଚନାର ନିଆଁରେ ଅଗ୍ନି ପରୀକ୍ଷା ଦେଇ ନିଜ ସତୀତ୍ୱର ପରାକାଷ୍ଠା ଦେଖାଇ ଜଗତବନ୍ଦିତା ସାଜିଥିଲା, ମାତ୍ର ଏ ମନିଷା? ଇଏ ତ ଜଣେ ଦଳିତା ଉତ୍ତରପ୍ରଦେଶର ରାଜନେତାଙ୍କ ଅଦୃଶ୍ୟ ଇସାରାରେ ପୋଲିସ କର୍ମଚାରୀଙ୍କ ପ୍ରରୋଚନାରେ ଜଳିଯାଇଥିବ ମନିଷାର ସଂଜ୍ଞା ତ ଧର୍ଷିତା ନା। ରାମମନ୍ଦିର ସ୍ଥାପନା ନାଁରେ ରାମରାଜ୍ୟ ପ୍ରତିଷ୍ଠାର ଦାବି କରୁଥିବା ଗେରୁଆ ମହୋଦୟ ଏଥିପ୍ରତି ସକ୍ରିୟ ହେବେ ବା କାହିଁକି? କେଉଁଠି ସୀତା ଆଉ କେଉଁଠି ଏ ଦଳିତ ଧର୍ଷିତା! ଯୌବନର ପ୍ରଥମ ପାହାଚରେ ପାଦ ଥାପିଥିଲା ମନିଷା। ଚହଟି ଉଠୁଥିଲା କୁମାରୀତ୍ୱର ଅଫୁରନ୍ତ ସୌନ୍ଦର୍ଯ୍ୟ। ମାତ୍ର ଏକ ଅନ୍ଧାରୀ ରାତିରେ ହଜିଗଲା ତାର ପ୍ରତିଷ୍ଠା, ଖିନଭିନ୍ ହୋଇଗଲା ନାରୀ ଜାତିର ଶର୍ମିଷ୍ଠା। କ'ଣ ବା ଭୁଲ ଥିଲା ତା'ର? ନାରୀ ଭାବରେ ଜନ୍ମ ନେବାଟା ଭୁଲ ନା ଦଳିତ ଶ୍ରେଣୀରେ ଜନ୍ମ ନେବା ତା'ର ଅପରାଧ। ଯଦି ଏହାର ଉତ୍ତର ହଁ ହୁଏ ତେବେ ନାରୀ ସଶକ୍ତିକରଣ ନାଁରେ ଏତେ ହୋହଲ୍ଲା କାହିଁକି? କାହିଁକି ନାରୀର ସ୍ୱରକୁ ଅବଦମିତ କରିବାର ଏ ହୀନ ପ୍ରୟାସ? 'ବେଟି ବଞ୍ଚାଅ ବେଟି ପଢ଼ାଓ'ର ନାରାବାଜି କ'ଣ ପାଇଁ? କ'ଣ ଏ ବୁଭୁକ୍ଷୁ ସମାଜକୁ ଦାନା ଯୋଗାଇବାକୁ? ତା ଠାରୁ ତ ନାରୀ ଭ୍ରୂଣ ହତ୍ୟା ଶତଗୁଣେ ଶ୍ରେୟସ୍କର। ବଳାତ୍କାରୀର ପଞ୍ଝାରେ ଅସ୍ତିତ୍ୱ ହରାଇବା ଅପେକ୍ଷା ମାତୃଗର୍ଭରେ ଆଖି ବୁଜି ଦେବା ଢେର ଭଲ। ଖିନଭିନ କରି ନିରୀହ ଝିଅଟିର ଦେହକୁ ଝୁଣିଗଲେ ନର ରାକ୍ଷସ। ଏତଲାର ସାତଦିନ ପରେ ପୋଲିସ ନାମକୁ ମାତ୍ର କେଶ୍ ଫାଇଲ କରି ପାରିବା ପଣିଆର ପରିଚୟ ଦେଲା। ଦୀର୍ଘଦିନର ସଂଘର୍ଷ ପରେ ଆଖି ବୁଜିଲା ମନିଷା। ରାଜନୈତିକ ଚାପରେ ବଦଳିଗଲା ତଦନ୍ତର ଚେହେରା। ଦଳିତ ଶ୍ରେଣୀର ନାରୀ ପାଇଁ କ୍ଷୀଣ ହୋଇଗଲା ଉତ୍ତରପ୍ରଦେଶର ସରକାରଙ୍କ ସ୍ୱର। ଗେରୁଆ ନେତାଙ୍କ ଚେହେରାରୁ ଉକୁଟିଲା କଳା କାରନାମାର ଉତ୍କଟ ଗନ୍ଧ। ଶେଷରେ ଫରେନ୍ସିକ୍ ଲ୍ୟାବରୁ ରିପୋର୍ଟ ଆସିଲା ଯେ ପୀଡିତାଙ୍କୁ ଦୁଷ୍କର୍ମ କରାଯାଇନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ବେକ ଓ ପଞ୍ଜରାରେ ଗଭୀର ଆଘାତ ଲାଗିଥିବାରୁ ମନିଷାର ମୃତ୍ୟୁ ହୋଇଛି। ଯଦି ଦୁଷ୍କର୍ମ ପ୍ରସଙ୍ଗ ସତ୍ୟାସତ୍ୟ ବିହୀନ ତେବେ କାହିଁକି ଅକାଳରେ ଝଡିଗଲା ମନିଷା। ଏହାର ଉତ୍ତର କେବଳ ଗେରୁଆ ସରକାରଙ୍କୁ ଜଣା। ଏମିତିରେ ଗେରୁଆ ଧାରଣ କରିଦେଲେ କେହି ରାଜଭକ୍ତ ହୋଇଥାଆନ୍ତି ନାହିଁ ସେଥିପାଇଁ ରାମ ମନସ୍କତାର ଆବଶ୍ୟକତା ରହିଛି। ଅବଶ୍ୟ ଏ ଦିଗରେ ବିଶେଷ ଆଲୋଚନା ସମୟ ସାପେକ୍ଷ। ହାଥରସ୍ ମାମଲାର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଟକାଇବାର ପ୍ରୟାସ କରାଗଲା। ପୀହିତା ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ସାମ୍ବିଧାନିକ ବ୍ୟବସ୍ଥାର ଲକ୍ଷ୍ମଣରେଖା ଡେଇଁ ମାଟିଆ କୁକୁରଙ୍କ ଦ୍ୱାରା ଏ ଦେଶର ନାରୀର ଚିତା ଜଳିଲା। ମଶାଣିଠୁ ମନିଷାର ଘର ପର୍ଯ୍ୟନ୍ତ ଦୂରତାକୁ ଭାରତ-ପାକିସ୍ତାନର ସୀମା ସୁରକ୍ଷା ଭଳି ପୋଲିସ ଛାଉଣୀ କରି ଗଣତନ୍ତ୍ରର ତଣ୍ଟି ଚିପାଗଲା। ସ୍ୱର୍ଣ୍ଣିମ ଇତିହାସକୁ ଉପହାସ କରି ଭାରତ ଇତିହାସରେ ଅଙ୍କାଗଲା କଳଙ୍କର ଆଉ ଏକ ମହାଅଧ୍ୟାୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଗଳା ଦବାଇବାର ପ୍ରୟାସ କରାଗଲା। ପରିଶେଷରେ ପୀଡିତା ପରିବାରର ସ୍ୱର ଦମନ କରିବାକୁ ଯାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଟକାଇବାରହୀନ ପ୍ରୟାସ ଆଜି ପୋଲିସ କର୍ମଚାରୀଙ୍କ ଭୂମିକା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ଦେଶ କାଳେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳର କ୍ଷମତା ଓ ଭୂମିକା ସର୍ବଜନସ୍ୱୀକାର୍ଯ୍ୟ। ମାତ୍ର ହାଥରସ୍ ମାମଲାରେ ରାହୁଲ ଗାନ୍ଧିଙ୍କ ପ୍ରତି ପ୍ରଦର୍ଶନ କରାଯାଇଥିଲା ମନୋଭାବ ଓ ଅନୈତିକ କାର୍ଯ୍ୟପନ୍ଥା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପରିପନ୍ଥୀ। ଯେଉଁଭଳି ଭାବରେ ଉତ୍ତର ପ୍ରଦେଶର ପୋଲିସ ଅସ୍ୱାଭାବିକ ଢଙ୍ଗରେ ରାହୁଲଙ୍କ ଅଟକାଇଲା ଓ ଶକ୍ତ ଧକ୍କା ଦେଲା ତାହା ନିଶ୍ଚନ୍ତ ଭାବରେ ଏକ ନିନ୍ଦନୀୟ ପ୍ରସଙ୍ଗ। କାରଣ ଏ ଧକ୍କା କେବଳ ରାହୁଲଙ୍କୁ ନୁହେଁ ସିଧାସଳଖ ଭାବରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନକୁ ଶକ୍ତ ଧକ୍କା। ଯେତେବେଳେ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣଦୁଷ୍କର୍ମ ହୁଏ ସେତେବେଳେ ଏହାର ପ୍ରସଙ୍ଗିକତା ଓ ବିଚାର ଶୈଳୀକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ଝଡ ଆରମ୍ଭ ହୁଏ। ସାଧାରଣତଃ ଜନତା ଏହାକୁ ସମୟକ୍ରମେ ଭୁଲି ଯାଆନ୍ତି। କିନ୍ତୁ ସମାଜ ବିଜ୍ଞାନୀ, ଆଇନଜୀବୀ ସାମ୍ବାଦିକ ମହଲରେ ଚର୍ଚ୍ଚାର ସ୍ଫୁଲିଙ୍ଗ ବଞ୍ଚିରହେ। ଦୁଷ୍କର୍ମକାରୀଙ୍କୁ ମୃତ୍ୟୁଦଣ୍ଡ ଦବା ବିଧେୟ। ମାତ୍ର ଏ ଦେଶରେ ଏହିପରି ଅନେକ ମାମଲା ଏବେ ବି ବିଚାରଧୀନ। ପରୋକ୍ଷ ଭାବରେ ଦେଖିବାକୁ ଗଲେ ଆମ ଦେଶର ଅପାରଗ ଆଇନ ବ୍ୟବସ୍ଥା ହିଁ ଅପରାଧ ମନସ୍କତାର ମୁଖ୍ୟ କାରଣ। ଏ ଦେଶର ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥା ଅପରାଧକୁ ସ୍ୱୀକୃତି ଦେବାର ଚିନ୍ତାକଳ୍ପ ଉପରେ ଆଧାରିତ। ମୋଟାମୋଟି ଉପରେ କହିବାକୁ ଗଲେ ବିଚାର ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟି ଶୂନ୍ୟ ନୁହେଁ। ଅନେକ ସମୟରେ ରାଜନୈତିକ ରୁଟି ସେକାରେ ଏ ଦେଶର ଇନ୍ଧନ ନଷ୍ଟ ହେବା ସହ ରାଜନେତା ପ୍ରଣୋଦିତ ଚାମଚା ମାନେ ଆଇନ ବଳୟ ବାହାରେ ରହି କାରନାମା ବଜାୟ ରଖିଥିବାର ଦୃଶ୍ୟ ସାମ୍ନାକୁ ଆସୁଛି। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ରାଜକ୍ଷମା କ୍ଷେତ୍ରର ବି ରାଜନୀତିର ଗନ୍ଧ ବାରିହୁଏ। ଏମିତିରେ ବି ରାଷ୍ଟ୍ରପତି କେଉଁଥିପାଇଁ କାହାକୁ କ୍ଷମା ଦିଅନ୍ତି ସେ କଥା ଆମକୁ ଅଜଣା। ଜଣାଇବାକୁ ସେ ବାଧ ମଧ୍ୟ ନୁହନ୍ତି। ନିକଟ ଅତୀତରେ ୨୦୧୨ ଜୁନ୍ ୨ରେ ଅବସରପ୍ରାପ୍ତ ରାଷ୍ଟ୍ରପତି ପ୍ରତିଭା ପାଟିଲ ଧର୍ଷଣ ଓ ହତ୍ୟା ଅପରାଧରେ କାରାଦଣ୍ଡ ଭୋଗୁଥିବା ବାନ୍ଧୁ ବାବୁରାଓ ତିଡକେରକୁ ରାଜକ୍ଷମା ଦେଇ ଅପରାଧି ଜାତିକୁ ଛତ୍ରଛାୟା ପ୍ରଦାନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଦଣ୍ଡ ଦେବ ତ କାହାକୁ? ଏ ପ୍ରଶ୍ନ ବର୍ତ୍ତମାନ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଦୁଷ୍କର୍ମକାରୀ କଠୋର ଦଣ୍ଡ ପାଇବା ବିଧେୟ। ମାତ୍ର ଅପରାଧ ମନସ୍କତାକୁ ପ୍ରଶ୍ରୟ ଦେଉଥିବା ବ୍ୟବସ୍ଥା ଓ ବ୍ୟକ୍ତିବିଶେଷ କ'ଣ ଏଥିପାଇଁ ଦାୟୀ ନୁହେଁ। ତେବେ କାହିଁକି ଉତ୍ତର ପ୍ରଦେଶରେ ଏ ଲଙ୍କାକାଣ୍ଡ? କାହିଁକି ଅପରାଧିଙ୍କ ପ୍ରତି ଗେ୍ରୁଆ ବାବାଙ୍କ ଏତେ ଦରଦ? ଅପରାଧୀଙ୍କ ପାଇଁ ସରକାରୀ ମାମୁଁଙ୍କର ଏତେ ପୀରତି କ'ଣ ପାଇଁ? କ'ଣ ପାଇଁ ଉପେକ୍ଷା କରାଯାଉଛି ପୀଡିତାର ପରିବାରକୁ।

*ସାମ୍ବାଦିକା*
*ନିହଲପ୍ରସାଦ, ଢେଙ୍କାନାଳ*

# ଅର୍ଥନୈତିକ ଅଭିବୃଦ୍ଧି ମହିଳାଙ୍କ ନିଯୁକ୍ତି କମ୍



ଡଃ.ଅରୁନ୍ଧତୀ ଦେବୀ

ଦେଶର ଶ୍ରମ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ନେଇ ବିଶ୍ୱ ବ୍ୟାଙ୍କର ସଦ୍ୟ ପ୍ରକାଶିତ ଭାରତ ବିକାଶ ରିପୋର୍ଟରେ ନକରାତ୍ମକ ଚିତ୍ର ପ୍ରଦାନ କରାଯାଇଛି। ଏହା ମହିଳାଙ୍କର ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି ନେଇ ରହିଆସିଥିବା ଧାରଣା ଭ୍ରମାତ୍ମକ ବୋଲି ପ୍ରତିପାଦନ କରିଛି। ଏହି ରିପୋର୍ଟ ଅନୁସାରେ ପୃଥିବୀର ଯେଉଁସବୁ ଦେଶରେ ଶ୍ରମଶକ୍ତିରେ ନାରୀ ଅଂଶ ଗ୍ରହଣ ସର୍ବନିମ୍ନ ତାହା ମଧ୍ୟ ଭାରତ ରହିଛି। ଏ କ୍ଷେତ୍ରରେ ବିଚାରକୁ ନିଆଯାଇଥିବା ୧୩୧ଟି ଦେଶ ମଧ୍ୟରେ ଭାରତର ସ୍ଥାନ ଖୁବ୍ ତଳେ ଯାହା ୧୨୦ ବୋଲି ଦର୍ଶାଯାଇଛି। ଏବେ ଯେ ଶ୍ରମଜୀବୀଙ୍କ ମଧ୍ୟରେ ମହିଳାଙ୍କର ହାର କମିଯାଇଛି ତାହାନୁହେଁ। ଏହି ଧାରା ବହୁବର୍ଷ ଧରି ରହିଛି। ଉଲ୍ଲେଖର ବିଷୟ ହେଲା ୨୦୦୫ ପରଠାରୁ ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ହ୍ରାସ ପାଇଚାଲିଥିବେଳେ ଏହି ସମୟରେ ସେମାନଙ୍କର ଶିକ୍ଷାସ୍ତର ଗଡ଼ି ଆସିଛି। ୨୦୦୧ରୁ ୨୦୧୧ ମଧ୍ୟରେ ଗୋଟିଏ ଦଶନ୍ଧିରେ ଦେଶର ମହିଳା ସ୍ନାତକଧାରୀଙ୍କ ସଂଖ୍ୟା ୧୧୬ ପ୍ରତିଶତ ବଢ଼ିଛି। ଯେଉଁ ସମୟରେ ପୁରୁଷଙ୍କ କ୍ଷେତ୍ରରେ ଏହି ବୃଦ୍ଧିହାର ୬୫ ପ୍ରତିଶତ ଥିଲା। ସେ ଦୃଷ୍ଟିରୁ ନାରୀ ଶିକ୍ଷା ନେଇ ସନ୍ତୋଷର ଯଥେଷ୍ଟ କାରଣ ରହିଛି। କିନ୍ତୁ ମହିଳାଙ୍କ ମଧ୍ୟରେ ଶିକ୍ଷାର ପ୍ରଗତି ନିଯୁକ୍ତିରେ ପ୍ରତିଫଳିତ ହୋଇନାହିଁ।

ଭାରତକୁ ମହିଳା ନିଯୁକ୍ତି କ୍ଷେତ୍ରରେ ଅନ୍ୟ ଦେଶ ସହ ତୁଳନା କଲେ ଭାରତର ସ୍ଥିତି ସନ୍ତୋଷଜନକ ନୁହେଁ। ଦେଶରେ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ମାତ୍ର ୨୭ ପ୍ରତିଶତ। ଅଥଚ ଚୀନ ଓ ବ୍ରାଜିଲରେ ଏହା ୬୫ରୁ ୭୦ ପ୍ରତିଶତ ରହୁଛି। ଭାରତରେ ମହିଳାମାନେ ମୁଖ୍ୟତଃ କୃଷି ଉଦ୍ୟୋଗରେ କାମ କରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ଖୁବ୍ କମ୍। ସେବା ଓ ଶିଳ୍ପ ଉଦ୍ୟୋଗରେ ନିଯୁକ୍ତିରେ ଭାରତୀୟ ମହିଳାଙ୍କ ଅଂଶ ମାତ୍ର ୨୦ ପ୍ରତିଶତ। ଏ ପର୍ଯ୍ୟନ୍ତ ଅଭିବୃଦ୍ଧି ସହିତ ସଂଶ୍ଲିଷ୍ଟ ଥିବା ପ୍ରସଙ୍ଗ ସବୁ ପୂର୍ବପରି ରହିଥିବାରୁ ଚଳିତବର୍ଷ ଅଭିବୃଦ୍ଧିର ହାର ଯେତିକି ବଢ଼ିବ ବୋଲି ଆଶା କରାଯାଉଥିଲା ତାହା ହେବ ନାହିଁ। ଏ ପର୍ଯ୍ୟନ୍ତ ମିଳୁଥିବା ଆଭାସରୁ ଜଣାପଡୁଛି ଯେ ପାଶ୍ଚାତ୍ ଦେଶମାନଙ୍କରୁ ଭାରତରେ ପୁଞ୍ଜିନିବେଶ କରିବା ପାଇଁ ଯେଉଁ ଆଗ୍ରହ ପ୍ରକାଶ ପାଇଥିଲା ତାହା ଏ ପର୍ଯ୍ୟନ୍ତ ସାକାର ହୋଇନାହିଁ। ଏହି କାରଣରୁ ଭିତ୍ତିଭୂମିର ବିକାଶ ଆଶାନୁରୂପ ହୋଇନାହିଁ। ଆଶାର କଥା ଯେ ପ୍ରଧାନମନ୍ତ୍ରୀଙ୍କର ଜର୍ମାନୀ, ଋଷିଆ, ସ୍ପେନ ଓ ଫ୍ରାନ୍ସ ଗସ୍ତ ସଫଳ ହେଲେ ସେଇ ଦେଶମାନଙ୍କୁ ଭାରତରେ ପୁଞ୍ଜିନିବେଶ ସହଜ ଓ ଶୀଘ୍ର ହେବ। ଏହାଦ୍ୱାରା ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେବ। ଜର୍ମାନର ଚାନ୍ସେଲର ମାର୍କେନଙ୍କ ସହିତ ଆମେରିକା ରାଷ୍ଟ୍ରପତିଙ୍କର ଆଲୋଚନାରୁ ଜଣାପଡ଼ିଛି ଯେ ଜର୍ମାନୀ ଯେଉଁ ପରିମାଣରେ ଆମେରିକାକୁ ରପ୍ତାନି କରୁଛି ସେହି ପରିମାଣରେ ଆମଦାନୀ କରୁନଥିବାରୁ ଆମଦାନୀ ରପ୍ତାନି ମଧ୍ୟରେ ଅସନ୍ତୁଳନ ସୃଷ୍ଟି ହେଉଛି। ଅବଶ୍ୟ ଏକଥା ସତ ଯେ ଆମେରିକାର ସ୍ୱାର୍ଥ ପୂର୍ଣ୍ଣଜଗିବା ପାଇଁ ଜର୍ମାନ କାମକ ନକରି ନିଜ ଦେଶର ହିତସାଧନ କରିବା ପାଇଁ କାମ କରୁଥିବ ଏହା ନିଶ୍ଚିତ। ଜର୍ମାନୀ ଆମେରିକାରୁ ଯେତିକି ଆମଦାନୀ କରୁନାହିଁ ତାହା ଠାରୁ ଅଧିକ ରପ୍ତାନି କରୁଛି। ଚଳିତବର୍ଷ ଶେଷ ବେଳକୁ ଯଦି ଅଭିବୃଦ୍ଧି ୭.୨ ପ୍ରତିଶତ ହୁଏ ତେବେ ଏହା ସଂସ୍କାରର ପଳ ତାହା ଧରି ନିଆଯାଇପାରେ। କିନ୍ତୁ ବିଶ୍ୱବ୍ୟାଙ୍କ ରିପୋର୍ଟରେ ମହିଳାମାନଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେଇ କୁହାଯାଇଛି ଯେ ମହିଳା କର୍ମଜୀବୀଙ୍କ ସଂଖ୍ୟା ମାତ୍ର ୨୭ ପ୍ରତିଶତ ହୁଏ ତେବେ ଏହା ଯେ ସଂସ୍କାରର ଫଳ ତାହା ଧରି ନିଆଯାଇପାରେ। କିନ୍ତୁ ବିଶ୍ୱବ୍ୟାଙ୍କ ରିପୋର୍ଟରେ ମହିଳାମାନଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେଇ କୁହାଯାଇଛି ଯେ ମହିଳାମାନଙ୍କୁ ଅଧିକ ନିଯୁକ୍ତି ଦେବାକୁ ପଡ଼ିବ। ମହାବିଦ୍ୟାଳୟମାନଙ୍କର ସ୍ନାତକ ବା ଉପାଧ୍ୟତର ଡିଗ୍ରୀ ହାସଲ କରିଥିବା ଶିକ୍ଷିତା ମହିଳାଙ୍କ ସଂଖ୍ୟା ଆମ ରାଜ୍ୟରେ ବଢୁଛି। ହୁଏତ ଏଭଳି ଅବସ୍ଥା ଅନ୍ୟାନ୍ୟ ରାଜ୍ୟରେ ଥିବ। ତଥାପି ଦେଶର ପ୍ରଗତି ଓ ଅଭିବୃଦ୍ଧି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଯେ ଅଧିକ ନିଯୁକ୍ତି ଦବାର ସମ୍ଭାବନା ରହିଛି ତାହା ଯଦି ପୂର୍ଣ୍ଣ ହୁଏ ତେବେ ଓଡ଼ିଶାର ଶିକ୍ଷିତା ମହିଳାମାନଙ୍କୁ ମଧ୍ୟ ନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରିବାର ଦେଖାଯିବ। ଦେଶରେ ଶିକ୍ଷିତା ମହିଳା ସଂଖ୍ୟା ୬୫ପ୍ରତିଶତ। ଗ୍ରାମାଞ୍ଚଳରେ ନିଯୁକ୍ତି ଅଭାବରୁ ଅନେକ ଶିକ୍ଷିତା ମହିଳାଙ୍କୁ ନିଯୁକ୍ତି ଦବା ସମ୍ଭବ ହୋଇନାହିଁ। ଫଳରେ ସେମାନେ ବିଏ, ଏମ୍ଏ ପାସ କରିବା ସତ୍ତ୍ୱେ କେବଳ ରୋଷେଇ ଘରେ ହିଁ ସମୟ କଟାଉଛନ୍ତି। ଓଡ଼ିଶାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ହଜାର ହଜାର ପଦବୀ ଖାଲି ପଡ଼ିଛି। ଏହି ଅବସ୍ଥା ଗତ କେତେ ବର୍ଷ ଧରି ସମାଧିତ ହେଉ ନଥିବାରୁ ଶିକ୍ଷାର ମାନ କେବଳ ହ୍ରାସ ପାଉ ନାହିଁ ବରଂ ନିଯୁକ୍ତି ନପାଇ ଉଭୟ ପୁରୁଷ ଓ ମହିଳା ଘରେ ବସିଛନ୍ତି। କେବଳ ଯେ ଓଡ଼ିଶାର ଅବସ୍ଥା ଏହିପରି ତାହା ନୁହେଁ ବିଭିନ୍ନ ରାଜ୍ୟରେ ମଧ୍ୟ ସେହିପରି। ଏହି ଦୃଷ୍ଟିରୁ ମହିଳାମାନଙ୍କୁ ଅଧିକ ନିଯୁକ୍ତି ଦବା ପାଇଁ ଉତ୍ତମ ସୁଯୋଗ ରହିଛି ଏବଂ ଆଗାମୀ ୨-୩ ବର୍ଷରେ ଯଦି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ ତେବେ ୨୦୨୦-୨୧ ବେଳକୁ ତାହା ସନ୍ତୋଷଜନକ ସ୍ତରରେ ପହଞ୍ଚିବ ବୋଲି ବିଶ୍ୱବ୍ୟାଙ୍କ ଆଶା କରିଛନ୍ତି।

ଆର୍ଥିକ ବିକାଶ ମଧ୍ୟ ପରିବାର ପକ୍ଷରୁ ଚାକିରି ନକରିବା ଲାଗି ମହିଳାଙ୍କ ଉପରେ ଚାପ ସୃଷ୍ଟିର ଏକ କାରଣ। ଅବଶ୍ୟ ଦେଶରେ ନିଯୁକ୍ତି ବୃଦ୍ଧି ମୋଟେ ସନ୍ତୋଷଜନକ ନୁହେଁ। ଏଣୁ ନୂଆ ନିଯୁକ୍ତିର ଅଧିକାଂଶ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ଦେଶରେ ମୋଟାମୋଟି ଭାବେ ନିଯୁକ୍ତି ଅଭାବ ସମସ୍ୟା ସାଙ୍ଗକୁ ଚାକିରିରେ ଥିବା ଲୋକଙ୍କୁ ଅଧିକାଂଶ କ୍ଷେତ୍ରରେ ଯେତିକି ଦରମା ମିଳିବା କଥା ତାହା ମିଳୁନାହିଁ। ମହିଳାମାନେ ଅନେକ କ୍ଷେତ୍ରରେ ସମାନ କରି ବି ପୁରୁଷଙ୍କ ଠାରୁ କମ୍ ଦରମା ପାଉଛନ୍ତି। ସେମାନଙ୍କୁ ହାଲକା ଦାୟିତ୍ୱ ଦିଆଯାଉଛି। ଯୋଗ୍ୟତା ତୁଳନାରେ ସେମାନଙ୍କୁ ନିଯୁକ୍ତି ମିଳୁନାହିଁ। ବିଶ୍ୱବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ଅଂଶ ଗ୍ରହଣ ଯଦି ସାମାନ୍ୟ ବଢ଼ିବ ତେବେବି ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ୧ ପ୍ରତିଶତ ବୃଦ୍ଧି ପାଇବ। କାରଣ ମହିଳାଙ୍କ ଉତ୍ପାଦିକା ଶକ୍ତି, ଦକ୍ଷତା, କର୍ମକ୍ଷେତ୍ରରେ ଶୃଙ୍ଖଳା ନେଇ ସେନ୍ଦହ ନାହିଁ। ସେମାନେ ଯଦି ଅଧିକ ରୋଜଗାର କରିବେ ତେବେ ସେମାନଙ୍କ ପକ୍ଷରୁ ସଞ୍ଚୟ ମଧ୍ୟ ବେଶୀ ହେବ। ଯାହା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ପରିବର୍ତ୍ତିତ ସମୟରେ ପୁରୁଷଙ୍କ ସହ ମହିଳା ମଧ୍ୟ ରୋଜଗାର କରିବା ଉଚିତ। ତାହା କେବଳ ପରିବାରରେ ସ୍ୱଚ୍ଛଳ ସ୍ଥିତି ଲାଗି ନୁହେଁ ଦାରିଦ୍ର୍ୟ ଦୂରୀକରଣ ଓ ଦେଶର ସାମଗ୍ରୀକ ବିକାଶ ପାଇଁ ଆବଶ୍ୟକ। ରୋଜଗାର ମହିଳାଙ୍କୁ ସ୍ୱାଧୀନତା ଦେଇ ଆତ୍ମବିଶ୍ୱାସ କରାଏ। ତାହା ପରୋକ୍ଷରେ ସେମାନଙ୍କୁ ପରିବାରରେ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ପ୍ରାଧାନ୍ୟ ଦିଏ ଯଦ୍ୱାରା ଘରୋଇ ହିଂସାକାଣ୍ଡ କମେ। ବିଶ୍ୱ ବ୍ୟାଙ୍କ ରିପୋର୍ଟ ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ନୀତି ପ୍ରଣୟନକାରୀମାନଙ୍କୁ ଦିଗଦର୍ଶନ ଦେବ ବୋଲି ଆଶା।

*ଶୋଭନୀୟ ଆନ୍ଦୋଳନ, କଟକ*
*ଦୂରଭାଷ : ୯୯୩୭୧୭୨୮୧୦*





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଧୃତିଃ :-**

*ଏହି ପ୍ରକ୍ରିୟା ଦୀର୍ଘଦିନ କରିବା ପରେ ପ୍ରାଣଶକ୍ତି ଦୀର୍ଘ ହୋଇଥାଏ। ଧୀରେ ଧୀରେ ପୁରା ଶରୀରରେ ପ୍ରାଣଶକ୍ତିର ସଞ୍ଚାରକୁ ଅନୁଭବ କରି ହୋଇଥାଏ। ହୃଦୟର ସ୍ପନ୍ଦନ ମଧ୍ୟ ଶୁଣା ଯାଇଥାଏ। ଏହାପରେ ବାହାର ଓ ଭିତରର ଦୁଇଟି ଯାକ ସ୍ଥିତିରୁ ମୁକ୍ତି ପାଇବାର ଚତୁର୍ଥ ଅବସ୍ଥା ଆସିଯାଇଥାଏ। ଯଦି ଆମେ ବାହ୍ୟ ଆଡକୁ ମନକୁ ନ ନେଇ ଭିତରର ମନ ସ୍ଥିତି ଆଡକୁ ଦୃଷ୍ଟି ନେଇ ସ୍ଥିର ରହିବାର ଅଭ୍ୟାସ ଜାରି ରଖିବା ତେବେ ଧୃତି ଶକ୍ତି ବିକଶିକ ହେବା ସମ୍ଭବ।*

*ଶ୍ରୀକୃଷ୍ଣ କହିଛନ୍ତି ଧୈର୍ଯ୍ୟ ମଧ୍ୟ ୩ ପ୍ରକାର। ସତ୍ତ୍ୱ, ରଜ, ତମ।*

*ଯୟା ତୁ ଧର୍ମକାମାର୍ଥାଧୃତ୍ୟା ଧାରୟତେଽର୍ଜ୍ଜୁନ।*
*ପ୍ରସଙ୍ଗେନ ଫଳାକାଂକ୍ଷତି ଧୃତିଃ ସା ପାର୍ଥ ରାଜସି।।*

*ହେ ପୃଥାପୁତ୍ର ଅର୍ଜ୍ଜୁନ! ଫଳର ଆଶା ରଖିବା ବାଲା ଆସକ୍ତି ରହିତ ପୁରୁଷ ଯେଉଁ ଧାରଣାରେ ଧର୍ମ, ଅର୍ଥ କାମନାକୁ ଧାରଣ କରିଥାଏ ଏହା ରାଜସି ଧୈର୍ଯ୍ୟ ଧାରଣ ଅଟେ।*

*ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମହମେବଚ।*
*ନ ବିମୁଂଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ।।*

*ନିଦ୍ରା, ଭୟ, ଚିନ୍ତା, ଦୁଃଖ ଓ ଉନ୍ମତତା ହୋଇ ଧୈର୍ଯ୍ୟ ଧାରଣା ତାମସୀ ଧୈର୍ଯ୍ୟ ଧାରଣା ଅଟେ।*

*ସାତ୍ତ୍ୱିକ ଧୈର୍ଯ୍ୟ ଧାରଣା ବିଷୟରେ ଆମେ ଆଗରୁ ଅବଗତ ହୋଇଛେ। ଧୈର୍ଯ୍ୟ ତ ସମସ୍ତଙ୍କ ପାଇଁ ଦରକାର ହେଲେ ସାତ୍ତ୍ୱିକ ଧୈର୍ଯ୍ୟ ଆବଶ୍ୟକ। ଜଣେ ଲୋକ ଆଉଜଣେ ଲୋକକୁ ପଚାରିଲ. ଆରେ! ତୁ ତ ଗଲା ସପ୍ତାହରେ ଦିଲ୍ଲୀ ଫେରି ଯିବାର ଥିଲା। କ'ଣ ହେଲା? ଲୋକଟି କହିଲା ବାପା ସିରିୟସ ଅଛନ୍ତି କ'ଣ କରିବି? ଅପେକ୍ଷା କରିଛି। ପୂର୍ବ ଲୋକଟି ପୁଣି ପଚାରିଲା, କାହାର? ବାପା ମରିବା ପାଇଁ? ଏହାକୁ ମଧ୍ୟ ଧୈର୍ଯ୍ୟ କହିବା। ସେ ବାପାକୁ ମାରି ପାରିବନି। ବାପା ମରିବା ପାଇଁ ଅପେକ୍ଷା କରି ରହିଛି।*

*ହଡବଡ ହୋଇ ବିନା ବିଚାରରେ କିଛି କରିବା ଅନୁଚିତ। ଧୈର୍ଯ୍ୟ ହେଉଛି ଏକ ଆବଶ୍ୟକ ଦୈବୀଗୁଣ। କଥାରେ ଅଛି ବିନା ବିଚାରରେ କାମ କଲେ ପଛରେ ପଶ୍ଚାତାପ କରିବାକୁ ପଡେ। କାମରେ ବ୍ୟାଘାତ ଘଟି ଲୋକହସାର କାରଣ ହୋଇଥାଏ ଓ ଆପତ୍ତି, ବିପତ୍ତିକୁ ଡାକି ଆଣିଥାଏ। ଯେଉଁ ବ୍ୟକ୍ତି ବିଚାର ପୂର୍ବକ ଧୈର୍ଯ୍ୟ ଓ ଶାନ୍ତିରେ କାମ କରେ ସେହି ବ୍ୟକ୍ତି ତା'ର ଏହି ସଦ୍‌ଗୁଣ କାରଣରୁ ଆପତ୍ତି, ବିପତ୍ତିରୁ ବଞ୍ଚି ଯାଇ ଥାଏ।*

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡ଼ି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

**କ୍ଷୀରୋଦ ଦାସ**

ଭାଗ-୨୯

# ସମ୍ପର୍କର ସୂତାଖିଅ

**ଦା**ନ୍ତ ଦେଖାଇ ଖତେଇ ହୁଏ। ତାକୁ ଡରାଏ। କାହାର ଏ ମୁହଁ? କିଏ ଏ? ମମତା!!!

ଭୟରେ ଚିର୍‌ଚିରେଇ ଉଠି ଆଖିବୁଜି ପକାଏ ସୁରେନ୍ଦ୍ର। ଜାକିଜୁକି ହୋଇ ଶୋଇପଡେ ସେଇଠି।

ଅନେକ ଦିନ ହେଲା ଏକଥା ଲକ୍ଷ୍ୟ କରୁଥିଲେ ମା'ଦୁର୍ଗା ମେଡିସିନ୍ ଷ୍ଟୋରର ମାଲିକ। ତାଙ୍କ ଦୋକାନର ସବୁଠୁ କାର୍ଯ୍ୟକ୍ଷମ, ସଚ୍ଚୋଟ କର୍ମଚାରୀ ଜଣକ ଯେ ଦିନକୁ ଦିନ ଭୁଷୁଡି ପଡୁଛି, ତିଳତିଳ ହୋଇ ନଷ୍ଟ ହୋଇଯାଇଛି, ଏକଥା ତାଙ୍କର ହୃଦ୍‌ବୋଧ ହେଉଥିଲା। ଦିନରେ ମଧ୍ୟ ଉତ୍କଟ ମଦ ଗନ୍ଧ ବାହାରୁଥିଲା ସୁରେନ୍ଦ୍ର ପାଟିରୁ।

ସେଦିନ ଦ୍ୱିପ୍ରହରରେ ଜଣେ ଲୋକ ଆସି ମାଗିଲା କିଛି ଔଷଧ। ତା ନାକରୁ ପାଣି ନିଗିଡୁଥିଲା। ଛିଙ୍କ ହେଉଥିଲଶ। ତଣ୍ଟି ଗତଗତ ହେଉଥିଲା।

ଲୋକଟିକୁ ଗଭୀର ଦୃଷ୍ଟିରେ ଚାହିଁ ସୁରେନ୍ଦ୍ର ପଚାରିଲା- କେବେଠାରୁ ଏପରି ହେଉଛି?

- 'ଦି' ଚାରିଦିନ ହେଲାଣି।'

ଚିନ୍ତାଗ୍ରସ୍ତ ସ୍ୱରରେ ସୁରେନ୍ଦ୍ର କହିଲା- ହୟୋ ବାବୁ, ଏତେ ଦିନ ଯାଏ କାଇଁକି ବସିଥିଲ? ଏବେ ନେଡ଼ିଗୁଡ କହୁଣୀକୁ ବୋହିଯିବାକୁ ବସିଲାଣି। ଆଛା ହଉ, ବ୍ୟସ୍ତ ହଅନା। ମୁଁ ଲେଖି ଦେଉଛି ଚିଠିଟେ। ଯାକୁ ଧରି ତୁମେ ସିଧା ପଳାଅ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌କୁ। ଏଇଟା ଦେଖାଇବ। ମୋ ନାଁ କହିବ। ସେମାନେ ତୁମକୁ ଆଡମିଟ୍ କରିଦେବେ। ମୁଁ ବି ଡାକ୍ତରଙ୍କୁ ଫୋନ୍ କରି କହିବି। ହେଲା! ଯାଅ, ବ୍ୟସ୍ତ ହବନି! ଯାହା ଥିବ ଭାଗ୍ୟରେ...!!''

ଲୋକଟା ତାଜୁବ୍ ହୋଇଯାଇ ରଡିଟେ ଛାଡ଼ିଲା। ନିରୋଳା ଦୋ ଅକ୍ଷରୀ ଭାଷାରେ ଶୋଧିଲା- "ଶଳା, କାହା ଦେହ କିମ୍ବା ରୋଗ ବୈରାଗ ନେଇ କିଏ ଥଟ୍ଟା କରେ? ମତେ ଥଣ୍ଡା ଟିକିଏ ଧରି ପକେଇଛି, ଯେ ଭୋଷଡି ମତେ କହୁଛି କ୍ୟାନ୍‌ସର୍ ୱାର୍ଡକୁ ଯାଅ...! ତୋ ମୁଣ୍ଡ ଫଟେଇଦେବି... ତୋ ବେକ ମୋଡ଼ିଦେବି... ଚିହ୍ନିଚୁ ମତେ...!!"

ଦୋକାନର ଅନ୍ୟ ଜଣେ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ଶାନ୍ତ ହେଲା ଲୋକ ଜଣକ ଏବଂ ଔଷଧପତ୍ର ଫୋପାଡି ଦେଇ ଗାରୁଗାରୁ ହୋଇ ପଳାଇଲା।

ସଂଧ୍ୟାବେଳକୁ ମାଲିକ ଜାଣିଲେ ଏକଥା। ଚିନ୍ତିତ ଦେଖାଗଲେ। କହିଲେନି କିଛି।

ଦିନେ ରାତିରେ ଶୋଇଥିବା ବେଳେ ହୁ' ରସ ଉଠି ବସିଲା ସୁରେନ୍ଦ୍ର। 'ଆରେ, ରାତି କେତେବେଳୁ ପାହିଲାଣି, ସକାଳ ଯାଇ ଖରା ଟାଣ ହେଲାଣି, ସେ ଶୋଇଛି? ଦୋକାନକୁ ଯିବ କେତେବେଳେ? ସେ ଭାବିଲା ଏବଂ ଡେରି ହୋଇଯାଇଛି ଭାବି ଧଡପଡ୍ ହୋଇ ଉଠି ଦୌଡ଼ିଲା ରାସ୍ତାରେ। ବୁଲା କୁକୁର କେଇଟା ଭୋ ଭୋ ରଡି ଛାଡ଼ି ଦୌଡିଲେ ତା'ପଛରେ। ରାତି ଡ୍ୟୁଟିରେ ଥିବା ପ୍ରୌଢ଼ କନେଷ୍ଟବଳ ଜଣକ ଚୋର ଭାବି ଅଟକାଇଲା ତାକୁ। ପଚାରିଲା- 'ଏତେ ରାତିରେ କୁଆଡ଼େ ଦୌଡୁଛ? ଆଁ?

- "ଏତେ ରାତି? ଖରା ଆସି ଟାଣ ହେଲାଣି। ତମକୁ ଦିନଟା ରାତି ପରି ଲାଗୁଛି କି? ମୁଣ୍ଡ ଖରାପ ନା କ'ଣ? -ସୁରେନ୍ଦ୍ର ଓଲଟି ପ୍ରଶ୍ନ କଲା କନଷ୍ଟେବଳକୁ।

ତା ମୁହଁକୁ ଷ୍ଟ୍ରିଟ୍ ଆଲୁଅରେ ନିରେଖି କନେଷ୍ଟବଳ କହିଲା- ହୟୋ ବାବୁ, ତମେ ସେ ମା'ଦୁର୍ଗା ମେଡିସିନ୍ ଷ୍ଟୋରରେ କାମ କର ଟି! ତମର ଏମିତି ଅବସ୍ଥା କେବେ ହେଲା?

କି ଅବସ୍ଥା? - ସୁରେନ୍ଦ୍ର ତା' ମୁହଁକୁ ନିରୀକ୍ଷଣ କରି ପଚାରିଲା।

- 'ଅଧରାତିଟାକୁ ଖରାବେଳ ବୋଲି କିଏ କହେ? ପାଗଳ ଟି! -କନେଷ୍ଟବଳ କହିଲା, 'ଯାଅ ଯାଅ, ବେଶୀ ପାଟିତୁଣ୍ଡ କରନା। ଚିହ୍ନାଲୋକ ବୋଲି ଛାଡ଼ି ଦଉଛି। ଚୁପ୍ ଚାପ୍ ଯାଇ ଘରେ ଦୁଇଚାରି ଘଣ୍ଟା ଶୋଇପଡ଼। ସକାଳକୁ ମୁଣ୍ଡ ଟିକେ ଥଣ୍ଡା ହେଲେ ଉଠିବ। କୁହ, ଘରକୁ ଯିବ ନା ଥାନାକୁ?

ତା ପରଦିନ କନେଷ୍ଟବଳ ଯାଇ ଦୋକାନ ମାଲିକ ଆଗରେ କହିଲା ଏ କଥା। ମାଲିକଙ୍କ ମୁହଁ ବିଷର୍ଣ୍ଣ ଦେଖାଗଲା।

ପ୍ରତି ଶନିବାର ସଂଧ୍ୟାବେଳେ ଜଣେ ମେଡିସିନ୍ ପ୍ରଫେସର ଆସନ୍ତି ମା' ଦୁର୍ଗା ମେଡିସିନ୍ ଷ୍ଟୋରକୁ, ରୋଗୀ ଦେଖିବାକୁ। ଡାକ୍ତରଙ୍କର ସହରରେ ଥିଲା ପ୍ରଚୁର ଲୋକପ୍ରିୟତା। ତାଙ୍କ ହାତ ସୁନା ବୋଲି ପ୍ରଚାରିତ ହୋଇଥିଲା ସାରା ସହରରେ। ତେଣୁ ସଂଧ୍ୟାବେଳେ ଦୋକାନରେ ରୋଗୀଙ୍କ ପ୍ରବଳ ଭିଡ। ଡାକ୍ତର ଲେଖିଥିବା ପ୍ରେସ୍‌କ୍ରିପ୍‌ସନ୍ ଦେଖାଇ ଲୋକମାନେ ସେହି ଦୋକାନରୁ ଔଷଧ ନିଅନ୍ତି। ତେଣୁ ପ୍ରବଳ ଭିଡ ଲାଗିରହିଥାଏ। ସଂଧ୍ୟା ଛ'ରୁ ରାତି ଏଗାର।

ସେଦିନ ଜଣେ ରୋଗୀର ପ୍ରେସ୍‌କ୍ରିପ୍‌ସନ ଦେଖି ଔଷଧ ଦେଉଦେଉ ଅଟକିଗଲା ସୁରେନ୍ଦ୍ରର ହାତ। ମୁହଁ ଉଠାଇ ସେ ଚାହିଁଲା ଔଷଧ ଆଶାୟୀ ଲୋକଟିକୁ। ତା' ପାଖକୁ ଆସି ପଚାରିଲା - ତମର କ'ଣ ହୋଇଛି?

ଡାକ୍ତରଙ୍କୁ ରୋଗ ବିଷୟରେ ଅବଗତ କରାଇ ପ୍ରେସ୍‌କ୍ରିପ୍‌ସନ୍ ଆଣି ସାରିଥିବା ବ୍ୟକ୍ତି ଜଣକ ଔଷଧ ଦୋକାନୀ ସାମ୍ନାରେ ନିଜ ରୋଗ ବିଷୟରେ ଆଉ ଥରେ କହିବା ଅନାବଶ୍ୟକ ମଣୁଥିଲେ ମଧ୍ୟ କହିଲେ- "ମୁଣ୍ଡ ବୁଲାଉଛି। ବେଳେବେଳେ ଭାରି ହାଲିଆ ଲାଗୁଛି, ଖାଇବାକୁ ଜମା ଇଚ୍ଛା ହେଉନି।"

ସୁରେନ୍ଦ୍ର ଧଡ୍ କରି ଠିଆ ହେଲା ଏବଂ ଝଡ ପରି ପଶିଲା ଡାକ୍ତରଙ୍କ କେବିନ୍ ଭିତରକୁ। ତାଙ୍କ କଲରକୁ ଟାଣି ଧରି ପଚାରିଲା- "ହଇବେ ଶଳା, ତୋ ବୋପା ଧିଅକରେ କେବେ ଡାକ୍ତରୀଗିରି କରିଥିଲୁ? ତା' କିଡ୍‌ନୀ ଖରାପ, ତୁ ଲେଖିଦେଲୁ ବି.ପି. ଔଷଧ? ମୂର୍ଖ କୋଉଠିକାର।"

ଡାକ୍ତର କ୍ଷୁବ୍ଧ ହେଲେନି। ମୁହଁ ଟେକି ନିରବରେ ଚାହିଁଲେ ମା' ଦୁର୍ଗା ମେଡିସିନ୍ ଷ୍ଟୋରରେ ଦୀର୍ଘଦିନ ଧରି କାମ କରି ଆସୁଥିବା ସୁଧାର, ଭଦ୍ର ଯୁବକଟିକୁ। ବିଗଳିତ ହୋଇ ପଡିଲେ। ତା ପିଠି ଆଉଁଷି ଦେଲେ ଏବଂ ମାଲିକକୁ ଡାକି ଘୋଷଣା କଲେ- 'ଯେ ପାଗଳ ହେବାକୁ ଯାଉଛି। ଶୀଘ୍ର କିଛି ବ୍ୟବସ୍ଥା ନ କଲେ ଏ ଯୁବକ ଜଣକ ହୁଏତ ସାରା ଜୀବନ କାଳ ଭିତରେ ଆଉ ନର୍ମାଲ୍ ଅବସ୍ଥାକୁ ଫେରି ନ ପାରେ।'

ମାଲିକ ଶୁଣିଲେ ଏବଂ ଦୁଃଖରେ ଅଭିଭୂତ ହୋଇ ପଡିଲେ। ସୁରେନ୍ଦ୍ର ପ୍ରତି ଥିଲା ତାଙ୍କର ଅନେକ ଶ୍ରଦ୍ଧା। ସେହି ଶ୍ରଦ୍ଧାର ଦ୍ୱାହି ଦେଇ ତା' ପାଇଁ କିଛି ଗୋଟାଏ ବ୍ୟବସ୍ଥା କରିବାକୁ ମାନସିକ ଭାବେ ସେ ପ୍ରସ୍ତୁତ ହେଉଥିବା ବେଳେ ଦୋକାନରେ ଘଟିଲା ଆହୁରି ଗୋଟାଏ କାଣ୍ଡ।

ଭଦ୍ରମହିଳା ଜଣକ ଆସିଥିଲେ ମାସିକିଆ ନାପ୍‌କିନ୍‌ସ କିଣିବା ପାଇଁ।

ପ୍ରେସ୍‌କ୍ରିପ୍‌ସନ୍? - ପଚାରିଲା ସୁରେନ୍ଦ୍ର।

ଏଭଳି ଜିନିଷ ପାଇଁ ପ୍ରେସ୍‌କ୍ରିପ୍‌ସନ୍ ଦରକାର ହୁଏ କି? ଭଦ୍ରମହିଳା ଆଶ୍ଚର୍ଯ୍ୟ, ଅପ୍ରତିଭ ହେଲେ। ଲାଲ୍ ପଡିଗଲା ତାଙ୍କ ମୁହଁ।

- 'କ୍ଷମା କରିବେ!' -ସୁରେନ୍ଦ୍ର କହିଲା- 'ବିନା ପ୍ରେସ୍‌କ୍ରିପ୍‌ସନରେ ଏପରି ଗୁରୁତ୍ୱପୂର୍ଣ୍ଣ ଔଷଧ ମୁଁ ଦେଇପାରିବିନି! ଆଜି ଭଲ ଅଛି ମନ୍ଦ ଅଛି! ମୋ ପିଠିରେ ସେତେବେଳେ କିଏ ପଡିବ? ଯାଆନ୍ତୁ, ଡାକ୍ତରଙ୍କଠାରୁ ପ୍ରେସ୍‌କ୍ରିପ୍‌ସନ୍‌ଟେ ଲେଖି ଆଣନ୍ତୁ।"

(କ୍ରମଶଃ)

# ଡ଼ାଏରୀ

**ନରେଶ କୁମାର ବେହେରା**

ବିନ୍ଦୁ ଦେବୀଙ୍କ ଆଗମନ ଦେଖି ସମସ୍ତେ ଚକିତ। ନିଜନିଜ ଭିତରେ ଫୁସୁରୁ ଫାସୁରୁ ହେବାକୁ ଲାଗିଲେ। ଯାହାର ଆଭାସ୍ ସଞ୍ଜିବ୍ ଖୁବ ଭଲଭାବେ ଜାଣିପାରୁଥିଲେ। ସମସ୍ତଙ୍କ ମନରେ ଗୁଡ଼ାଏ ପ୍ରଶ୍ନ... ଇଏ ପୁଣି ତାଙ୍କର କୋଉ ଚାଲ୍ ନା କ'ଣ? ବିନ୍ଦୁଦେବୀ କ'ଣ ପୁଣିଥରେ ପାର୍ଟି ପରିବର୍ତ୍ତନ କଲେ କି? କାହିଁ ସେମିତି କିଛି ତ ପ୍ରେସ୍ ନ୍ୟୁଜ୍ ଆସିନି ଗ୍ରୁପ୍‌ରେ! ଏତିକିବେଳେ ସଞ୍ଜିବ୍ ସଭା ଆରମ୍ଭର ଘୋଷଣା କରନ୍ତି। ଆଉ ସଭାକାର୍ଯ୍ୟକୁ ନୂତନ ସଂଯୋଜିକା ସୁପର୍ଣ୍ଣା ଦେବୀ ପରିଚାଳନ କରନ୍ତି। ପ୍ରଦୀପ ପ୍ରଜ୍ୱଳନ ପରେ ସଞ୍ଜିବ୍ ଅନ୍ୟାନ୍ୟ ଅତିଥିମାନଙ୍କ ସତ୍କାର ଏବଂ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କ ଆଗମନ, ସେମାନଙ୍କ ରହଣୀ, ପାକଗ୍ରହଣ, ଆଦିର ବିଷୟବସ୍ତୁ ବୁଝିବାରେ ବାହାରକୁ ଭିତରକୁ ହେଉଥାନ୍ତି। ମନ ଆଉ ଆଖିଟା କିନ୍ତୁ ବାରମ୍ବାର ଅଟକି ଯାଉଥାଏ ବିନ୍ଦୁଙ୍କ ପାଖରେ। ହଠାତ୍ ଆଖି ସହ ଆଖି ମିଳେଇ ଗଲେ ଦୁହେଁ ହସି ବି ଦିଅନ୍ତି।

ବିନ୍ଦୁ ଦେବୀ ଯିଏ ଆଜି ସାରା ଜିଲ୍ଲାର ରାଜନୀତିରେ ଜଣେ ସୁପରିଚିତା ନେତ୍ରୀ, ଗତ କିଛିବର୍ଷ ତଳେ ସେ ଜଣେ ସାମାନ୍ୟ କର୍ମୀ ଥିଲେ। ସଞ୍ଜିବ କଲେଜ୍‌ରେ ଅଧକ୍ଷତା କରୁଥିବା ବେଳେ ବିନ୍ଦୁ ତାଙ୍କ ଷ୍ଟୁଡ଼େଣ୍ଟ ଥାଏ। ହେଲେ ବୟସରେ ବିଶେଷ କିଛି ପାର୍ଥକ୍ୟ ନଥାଏ ଦୁହିଁଙ୍କ ଭିତରେ। ବିନ୍ଦୁଙ୍କ ଲିଡ଼ର୍‌ସିପ୍ କ୍ୱାଲିଟିକୁ ସଞ୍ଜିବ୍ ଭଲଭାବେ ଜାଣନ୍ତି। କଥାରେ ନିପୁଣତା, ଶିକ୍ଷିତା ଏବଂ ପଛୁଆ ବର୍ଗର ନାରୀ ହୋଇଥିବା ଯୋଗୁଁ ତାଙ୍କ ଜରିଆରେ ବିପୁଳ ଲୋକ ସମର୍ଥନ ବି ମିଳିଥିଲା ସଞ୍ଜିବଙ୍କ ପାର୍ଟିକୁ। ପ୍ରକୃତରେ କହିବାକୁ ଗଲେ ସଞ୍ଜିବ ଦିନେ ତାଙ୍କୁ ନିଜ ପାର୍ଟିରେ ସାମିଲ୍ ହେବାର ଅଫର୍ ଦେଇଥିଲେ। ଯାହାକୁ ସମସ୍ତେ ଅସମ୍ମତ କରୁଥିଲେ; କାରଣ ସେ ନିଜର ସ୍ୱାର୍ଥ ପାଇଁ କିମ୍ବା ଚେୟାର୍ ପାଇଁ ନିଜ ଦଳର ଲୋକଙ୍କ ମୁଣ୍ଡକାଟ କରିବାକୁ ବି ପଛେଇ ନାହାନ୍ତି। ସେ ଜଣେ ଜିଦ୍ଦିଖୋର୍ ଏବଂ ସମ୍ପୂର୍ଣ୍ଣ ଦଳଟିକୁ ନିଜ ହାତମୁଠାରେ ରଖିଥାନ୍ତି। ଅବିନାଶଙ୍କ ବିନ୍ଦୁଦେବୀଙ୍କୁ ନିମନ୍ତ୍ରଣରେ କୌଣସି ଦୟାଭାବ ନଥିଲା। ବରଂ ସେ ସଞ୍ଜିବଙ୍କ ଦଳକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବାକୁ ଲାଗିପଡ଼ିଥିଲେ। କିନ୍ତୁ ସମସ୍ତେ ଜାଣିଛନ୍ତି, ଏକ ମାଘରେ ଶୀତ ଯାଏନାହିଁ। ପୃଥିବୀ ଯେପରି ଗତିଶୀଳ, ସମୟ ବି ସେପରି... ଦିନପରେ ରାତି ଯେପରି ଆସେ, ପ୍ରକୃତିର ପ୍ରତିଟି ବସ୍ତୁ ବଢ଼େ, ଭାଙ୍ଗେ, ପୁଣି ଗଢ଼େ।

ହଠାତ୍ ଅମିତ୍ ଆସି ସଞ୍ଜିବ୍‌ଙ୍କୁ ପ୍ରଶ୍ନକଲେ, 'ଯାକୁ ଏଠିକି କିଏ ଡ଼ାକିଲା? ତୁ ଡ଼ାକିନୁ ତ?'

ସଞ୍ଜିବ୍ କହିଲେ, 'ମୁଁ ହିଁ ଡ଼ାକିଛି। ... ଆମର କୌଣସି ବ୍ୟକ୍ତି ସହ କିଛି ଲେନ୍ ଦେନ୍ ନାହିଁ। ବିନ୍ଦୁର ମ୍ୟାନ୍ ପାୱାର୍ ଜାଣିଛୁ ତ? ଭୋଟର୍?? ... ଗତଥର ପରି ଏ ଥର ଇଲେକ୍ସନ୍‌ରେ ଯେମିତି କିଛି ବ୍ୟତିକ୍ରମ ନ ହୁଏ? ତା' ହାତରେ ଛ'ଟା ପଞ୍ଚାୟତର ସମ୍ପୂର୍ଣ୍ଣ ସହମତ ଅଛି। ବାକି ଦଶବାରଟା ପଞ୍ଚାୟତରେ ବି ଆସାନିରେ ହାତ ମାରିହେବ।... ତେଣୁ ଚିନ୍ତା କରିବାର କିଛି ନାହିଁ।'

'ସାର୍ ନମସ୍କାର!' ଏତିକିବେଳେ ବିନ୍ଦୁ ଆସି ସଞ୍ଜିବ୍‌ଙ୍କ ପାଦସ୍ପର୍ଶ କରି ପ୍ରଣାମ ଜଣାଏ। 'ସାର୍ ଆପଣ ବାରମ୍ବାର କହିଲେ ବୋଲି ମୁଁ ଆସିଲି। ମୋର ତ ଆସିବାର ଇଚ୍ଛା ନଥିଲା। ହଜ୍‌ବେଣ୍ଡ୍ ମୋତେ ପ୍ରେସର୍ କଲେ ଯିବାପାଇଁ। ... କିନ୍ତୁ ଏଠି ମୋତେ ଯାହା ଲାଗୁଛି ମୋର ଉପସ୍ଥିତି ସମସ୍ତଙ୍କୁ ଖାପ ଖାଉନି।'

ସଞ୍ଜିବ ଟିକେ ହସି କହିଲେ, 'କିଏ



ନା ତାଙ୍କର କୌଣସି ଅଭିଜ୍ଞତା ଥିଲା ନା ସେ କୌଣସି ମାଲ୍‌ଦାର ଫେମିଲିରୁ ଥିଲେ। ତଥାପି ସଞ୍ଜିବ୍ ସମସ୍ତଙ୍କ କଥାକୁ ଅକାଟ୍ୟ କରି ବିନ୍ଦୁଙ୍କ ବାକ୍‌ଶକ୍ତିକୁ ଆଧାର କରି ଦଳରେ ଏକ ଛୋଟିଆ ପଦବୀଟେ ଦେଇଥିଲେ। କାରଣ ସେ ଜାଣିଥିଲେ ବିନ୍ଦୁଙ୍କ ଭାଷଣ ସମସ୍ତଙ୍କ ମନକୁ ଛୁଇଁଯାଏ; ମୁଖ୍ୟତଃ ମହିଳା ଗୋଷ୍ଠୀ ଆଉ ତାଙ୍କ ଜାତିଦଳକୁ (ଯାହାକୁ ବିଗତ ସତୁରୀ ବର୍ଷହେଲା ଅବହେଳିତ କରି ରଖିଥିଲା ଏ ସମାଜ, ସରକାର ଓ ପ୍ରଶାସନ।) ସେହି ସମାଜରେ ଯଦି ତାଙ୍କ ଜାତିର ଜଣେ ସାମାନ୍ୟ ସ୍ତ୍ରୀଲୋକଟି ବିଶିଷ୍ଟ ନେତ୍ରୀ ହୋଇ ହଜାର ହଜାର ଲୋକଙ୍କ ସାମ୍ନାରେ ଭାଷଣ ଦିଏ, ସେମାନଙ୍କ ମନୋଭାବରେ ନିଶ୍ଚୟ ପରିବର୍ତ୍ତନ ଆସିବ, ଏହା ନିଃସନ୍ଦେହ, ଏପରି ଦୃଢ଼ ବିଶ୍ୱାସ ଥିଲା ତାଙ୍କର। କିନ୍ତୁ ଦୁର୍ଭାଗ୍ୟର କଥା ଦଳଭିତରେ ସାମାନ୍ୟ କିଛି ମନୋମାଳିନ୍ୟ ଏବଂ ଜାତିଗତ ଭେଦଭାବ ଯୋଗୁଁ ସଞ୍ଜିବ ଇଲେକ୍ସନ୍‌ରେ ହାରି ଯାଇଥିଲେ। ଆଉ ତାହାର ଜୋରଦାର୍ ଫାଇଦା ଉଠାଇଥିଲେ ଅବିନାଶ (ବିଜୟୀ ଦଳର ନେତା) ବାବୁ। ଇଲେକ୍ସେନ୍ ସରୁସରୁ ସେ ବିନ୍ଦୁଦେବୀଙ୍କୁ ସେହି ଅଫର୍ ଦେଇଥିଲେ ଯାହା ଦିନେ ସଞ୍ଜିବ୍ ଦେଇଥିଲେ। ଅବିନାଶଙ୍କ ଅଫର୍‌ଟି ଏପରି ଥିଲା ଯେ, ସେ ବିନ୍ଦୁଙ୍କୁ ତାଙ୍କ ଜାତିଗୋଷ୍ଠୀର ଉନ୍ନତି ସକାଶେ ସମ୍ପୂର୍ଣ୍ଣ ସହମତ ଓ ସହଯୋଗ କରିବେ। ଏବଂ ସେଥିପାଇଁ ତାଙ୍କୁ ସଞ୍ଜିବ୍‌ଙ୍କ ପାର୍ଟିରୁ ଇସ୍ତଫା ଦେବାକୁ ହେବ। ଯଦିଓ ବିଜୟୀ ପାର୍ଟି ଦୀର୍ଘ ସତୁରୀ ଦଶକରେ ତାଙ୍କ ସମ୍ପ୍ରଦାୟ ପାଇଁ କୌଣସି ଆଖିଦୃଷ୍ଟିଆ କାମ କରିନାହିଁ କିନ୍ତୁ ବିନ୍ଦୁଦେବୀଙ୍କ ମନରେ କିଛିଟା ବିଶ୍ୱାସ ଜାଗି ଉଠିଥିଲା, ଯାହାକୁ ନେଇ ସେ ଦିନରାତି ସ୍ୱପ୍ନ ଦେଖୁଥିଲେ ସଞ୍ଜିବ୍‌ଙ୍କ ପାର୍ଟିରେ ରହି। ଆଉ ତାହା ଏବେ ଅବିନାଶଙ୍କ ପାର୍ଟିରେ ରହି ହାସଲ୍ କରିହେବ ବୋଲି ଆଶା। ଏହାହିଁ ଉପଯୁକ୍ତ ସମୟ। କିନ୍ତୁ ସେ ଅବିନାଶଙ୍କୁ ନା କେବେ ଜାଣିଥିଲେ, ନା ଜାଣିବାକୁ ଚେଷ୍ଟା କରିଥିଲେ। ଅବିନାଶ ଜଣେ ବଡ଼ ସ୍ୱାର୍ଥପର ନେତା ଥିଲେ। ଏପରିକି କାହାକୁ ଖାପ ଖାଇବ, ନ ଖାଇବ.. ସେଥିପାଇଁ ଏମାନେ ସବୁ ଏଠି ଆସିନାହାନ୍ତି। ସମସ୍ତେ ନିଜ ନିଜର ସ୍ୱାର୍ଥପାଇଁ ଆସିଛନ୍ତି। ହଁ.. ତୁମେ ତୁମଲୋକଙ୍କ ପାଇଁ ଯଦିକିଛି ଚିନ୍ତା କରୁଛ, ଉନ୍ନତ କିଛି କରିବା ପାଇଁ ଚାହୁଁଛ ତେବେ ଆସିପାର; ନାହିଁ ଯଦି ତୁମର ବି ସେମିତି ନିଜସ୍ୱ ସ୍ୱାର୍ଥ ରହିଛି, ତେବେ ଯାଇପାର। ... ... ଗତଥରର ଡ଼ିସିସନ୍ ବି ଠିକ୍ ଥିଲା ତୁମର। ତୁମର ସେଥିରେ କୌଣସି ଭୁଲ ନଥିଲା। କିନ୍ତୁ ଭୁଲ ଲୋକ ହାବୁଡ଼ରେ ପଡ଼ିଗଲ। ... ମୋତେ ଥରୁଟେ ପଚାରି ପାରିଥା'ନ୍ତ।' .. କହି ଅଡ଼ିଟରିୟମ୍ ଭିତରକୁ ଚାଲିଗଲେ ସଞ୍ଜିବ୍।

... ସରି ସାର୍ ...

କରତାଳିରେ ସଭାଗୃହଟି କମ୍ପିବାରେ ଲାଗିଲା। ଜଣଜଣ କରି ସମସ୍ତ ମନ୍ତ୍ରୀ, ଦଳୀୟ ନେତା ଭାଷଣ ଦେଇ ଫେରୁଥିଲେ। ଶେଷରେ ସଞ୍ଜିବ୍ ଧନ୍ୟବାଦ ଅର୍ପଣ କରିବାକୁ ପୋଡ଼ିୟମ୍ ନିକଟକୁ ଯା'ନ୍ତି, ଆଉ ... "ମୁଁ ଆମର ପୁରାତନ ସଭାନେତ୍ରୀ ଶ୍ରୀମତୀ ବିନ୍ଦୁଦେବୀଙ୍କୁ ଅନୁରୋଧ କରୁଛି ସେ ଆସି ସଂକ୍ଷିପ୍ତରେ ନିଜର ବକ୍ତବ୍ୟ ରଖିବେ ଏବଂ ଦଳକୁ ପ୍ରୋତ୍ସାହନ କରିବା ହେବେ। ଶ୍ରୀମତୀ ବିନ୍ଦୁଦେବୀ..."

ନିଜର ଅସନ୍ତୁଳିତ ମାନସିକତାରୁ ଫେରିବାକୁ ବହୁ ଚେଷ୍ଟାକରି, ଛଳଛଳ ଆଖିକୁ ରୁମାଲ୍‌ରେ ପୋଛି, ଫେରୁ ଫେରୁ ଅଟକିଗଲେ... ନିଜର ଡ଼ାକରା ଶୁଣି। ମାଇକ୍‌ରୁ ଭାଷି ଆସୁଥିଲା ଆଉ ମସ୍ତିଷ୍କରେ ପ୍ରତିଫଳିତ ହେଉଥିଲା ତାଙ୍କର ନାମ .. ବାରମ୍ବାର.. ବାରମ୍ବାର... ଅପ୍ରସ୍ତୁତିରେ ବି ପାଦଦୁଇଟି ଚାଲିବାକୁ ଲାଗିଲା ଡ଼ାଏସ୍ ଆଡ଼କୁ ... ବିଗତ ପାଞ୍ଚବର୍ଷର ସମସ୍ତ ଅସଫଳତାକୁ ଭୁଲିଯାଇ ନିଜର ସେଇ ପୁରୁଣା ଡ଼ାଏରୀକୁ ପୁଣିଥରେ ଆପେ ଆପେ ଓଲଟାଇବାରେ ତାଙ୍କୁ କୌଣସି ବାଧା ଉପୁଜିନଥିଲା।

ସମସ୍ତେ ଅପେକ୍ଷା କରିଥିଲେ ତାଙ୍କୁ ପୁନର୍ବାର ଶୁଣିବା ପାଇଁ।।

*-ଅ-ଆ-ଇ କୁଟୀର, ଗାନ୍ଧୀ ନଗର-୯*
*ବ୍ରହ୍ମପୁର, ଗଞ୍ଜାମ*
*ଦୂରଭାଷ : ୭୮୦୯୮୭୨୪୮୩*

# ଦର୍ପଣ

**ଈପ୍‌ସିତା ଷଡଙ୍ଗୀ**



**ମୋ** ମନରେ ତୁମେ
ବିଛାଡ଼ି ଯାଇଥିବା ଶବ୍ଦସବୁଙ୍କୁ ନେଇ
ମୁଁ
ଆକାଶ ଗଙ୍ଗାଟିଏ ଗଢ଼େ
ମୋ ଠାରୁ ଖସିଯାଇଥିବା ମୋ କ୍ଷୁଦ୍ରାଂଶକୁ
ସେଠି ତାରା କରି ସଜାଏ,
କଥାହୁଏ କେବେ କେବେ

ଜାଣିଛ -
ସେଠୁ ସହସ୍ର ସହସ୍ର ଆଲୋକିତ ରେଖାସବୁ
ହାତ ପରି ବେଢ଼େଇ ଧରନ୍ତି ମତେ
ଆଲୋକିତ ବଳୟରେ ଗୋଟେ।।

ଜାଣିଚ-
ସେଠି ବି ଝଡ ଉଠେ
କ୍ଷୁଦ୍ରାତିକ୍ଷୁଦ୍ର ଅଂଶସବୁ ମୋ ଠାରୁ ବାହାରି
ଇଶାରା କରନ୍ତି କେଉଁ ଏକ ଅସମାପ୍ତ ରାତିର
କଳା ଗଭୀର କୃଷ୍ଣଗର୍ତ୍ତ ଆଡ଼କୁ!
ତମେ ଶବ୍ଦ ପଠାଅ
ସେଠି
ସଜେଇ ଦିଅ
ସେଥିରେ ମତେ ଦେବୀ କରି।।
ଶବ୍ଦର ମୁକୁଟ, ଶବ୍ଦର ମଥାମଣି
ଶବ୍ଦର ଗଳାହାର, ଶବ୍ଦର ବେହରଣ
ମୋ ଖଣ୍ଡ ବିଖଣ୍ଡିତ ପ୍ରତିଟି ଅଂଶ ଯେବେ
ରାତିର ଅନ୍ଧାରରେ
ନୀଳ ଗୋଟେ ମୋହ ପଛେ ଅନୁଧାବନ କରୁଥା'ନ୍ତି
ଖୁବ୍ ଇଚ୍ଛା ହୁଏ
ଶବ୍ଦ ଗୋଟେ ସାଥୀକରି ତୁମର
ଫେରି ଆସିବାକୁ ସେ ପୃଥିବୀ ଛାଡ଼ି
ଏ ଦେହଦାହର ସଂସାରକୁ!

ହେଲେ କୋଉଠି ବା ଫେରିହୁଏ?

ଶବ୍ଦର ପୃଥିବୀ
ଖାଲି ଶବ୍ଦର।।
ସେଠି ପରା ଧ୍ୱନିରେ ମିଶୁଥାଏ
ସବୁ କୋଳାହଳ ପୁଣି
ଯେତେକ ନୀରବତା।।

*(ଏକ ଦୀର୍ଘ କବିତାର କିୟଦଂଶ)*
*ଗୁହାଳପଡା, ନିମାପଡା, ପୁରୀ*
*ଦୂରଭାଷ : ୯୯୩୮୩୭୦୨୮୯*

# ନ'ଭୁଲିବ ତାଙ୍କ କଥାକୁ

**ପ୍ରୀତିନନ୍ଦା ପାଣିଗ୍ରାହୀ**



ପୁତ୍ର-କନ୍ୟା ଦୁହେଁ ସମାନ ପିତାମାତାଙ୍କ ପାଇଁ,
ସମାନ ସେନେହ-ଆଦର; ଊଣା-ଅଧିକ ନାହିଁ।
ଉଭୟଙ୍କ ପାଇଁ ସମାନ କଷ୍ଟ ଯାଆନ୍ତି ସହି,
ପିଲାଙ୍କୁ ଜାଣିବା ସୁଯୋଗ କେବେ ଦିଅନ୍ତି ନାହିଁ।
ଅଭାବ ସାଥିରେ ଲଢ଼ନ୍ତି ରଖି ପିଲାଙ୍କୁ ଦୂରେ,
ସେମାନଙ୍କ ସୁଖ ଦେଖିଲେ ତାଙ୍କ ହୃଦୟ ପୂରେ।
ପାଇବାର ଆଶା ନଥାଏ କେବେ ପିଲାଙ୍କ ଠାରୁ,
ଚାହାଁନ୍ତି ତାଙ୍କରି ଜୀବନ ଖାଲି ସୁଖରେ ଭରୁ।
ଜନମ ଦିଅନ୍ତି ମାତର, କର୍ମ ଦିଅନ୍ତି ନାହିଁ,
କରମ କରିବା ଉପାୟ ଦେଇଥା'ନ୍ତି ବତାଇ।

ସେ ଉପାୟ ମାନି ଚଳିଲେ ଖାଲି ସୁଖ ହିଁ ସୁଖ,
ସେ'ପଥୁ ହୋଇଲେ ବିଚ୍ୟୁତ୍ ସାଥି ହୁଅଇ ଦୁଃଖ।
ବିପଥେ ଚାଲି ନଅର୍ଜିବ କେବେ ଧନସମ୍ପଦ,
ତହିଁରୁ ଆନନ୍ଦ ଅଳପ' ବେଶୀ ଥାଏ ବିପଦ।
ନଭଲିବ କେବେ ମନର ଏହିକଥା ପଦକ,
ଜୀବନଟା ଦୁଇ ଦିନିଆ, ତାକୁ ବଞ୍ଚିବା ଶିଖ।

ପ୍ଲଟ ନଂ. ଏସ୍-୫/୩୪୨
*ନୀଳାଦ୍ରି ବିହାର, ଭୁବନେଶ୍ୱର*
*ଦୂରଭାଷ : ୭୯୭୮୨୪୧୦୯୦*








ପ୍ରାଚୀ ଦାଶ
ଓଲ୍ଡ ଟାଉନ
ଭୁବନେଶ୍ୱର

# ଅଭୁଲା ସ୍ମୃତିରେ କେନ୍ଦୁଝର



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ମୋର କର୍ମଭୂମି ହେଲା କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅନ୍ତର୍ଗତ ଖାଲିଆମେଣ୍ଟା ଗ୍ରାମ। ଓଡ଼ିଶାର ସେତେବେଳର ତେରଗୋଟି ଜିଲ୍ଲାର ଏକ ନମ୍ବର ଜିଲ୍ଲା କଟକରୁ ତେର ନମ୍ବର ଜିଲ୍ଲା କେନ୍ଦୁଝରକୁ ବୋହୁ ହୋଇ ଆସିବାକୁ ପଡ଼ିଲା। ଗାଁ ଭିତରକୁ ନୂଆ ହୋଇ ଆସୁଥିବା ବେଳେ ଅଣ ଓସାରିଆ ଆବଡ଼ା ଖାବଡ଼ା ରାସ୍ତାରା ଦୁଇ ପାର୍ଶ୍ୱରେ ଥିବା ପାହାଡ଼ ଜଙ୍ଗଲ ଦେଖି ଗୋଦାବରୀଶ ମିଶ୍ରଙ୍କ ରଚିତ 'କାଳିଜାଈ' କବିତା ମନେପଡ଼ିଲା। ବାପାଙ୍କୁ ମନେ ମନେ ପଚାରୁଥିଲି 'ବର ବୋଲି ଯାର ଧରାଇଲ ହାତ କି ତାର ଦେଖିଲ ଶିରୀ, ରୂପଗୁଣ ଆଉ ବିଭବେ ବାପା ହେ ତିନି ହେଁ ତିନିଙ୍କି ବଳି।' ଶାଶୁଘରେ ପହଞ୍ଚି ଦିନ କେତୋଟିରେ ମନ ପରିବର୍ତ୍ତନ ହେଲା। ସ୍ନାତକୋତ୍ତର ପରେ ଫକୀର ମୋହନ ମହାବିଦ୍ୟାଳୟରେ ଚାକିରୀ କରିବାର ତିନି ମାସ ପରେ ବାହାଘର ହେଲା। ଘର କାମରେ ସମ୍ପୂର୍ଣ୍ଣ ଅଜ୍ଞଥିବା ସତ୍ତ୍ୱେ ଏକ ବିରାଟ ଯୌଥ ପରିବାରର ବଡ଼ ବୋହୁ ହେବାକୁ ପଡ଼ିଲା। ଭାତହାଣ୍ଡି ଦେଖି ଭାବିଲି ଗାଁ ଯାକର ରୋଷେଇ କ'ଣ ଏଇଠି ହୁଏ। ସକାଳୁ ସୂର୍ଯ୍ୟୋଦୟଠାରୁ ରାତି ଅଧ ପର୍ଯ୍ୟନ୍ତ କୋଳାହଳମୟ ପରିବେଶ। କଟକରେ ଜନ୍ମ ହୋଇ ପିଲାଦିନରୁ ସହରୀ ବାତାବରଣରେ ବଢ଼ି ଆସିଥିବା ମନରେ ଏପରି ନୂଆ ପରିବେଶ ଖାପ ଖୁଆଇବାକୁ ଟିକେ ସମୟ ଲାଗିବା ସ୍ୱାଭାବିକ। ମାତ୍ର କିଛି ଦିନ ଭିତରେ ଭଲ ପାଇବସିଲି ସେଇ ନୂତନ ପରିବେଶକୁ। ଯେହେତୁ ପ୍ରଥମେ ଭଲ ପାଇଲି ଶାଶୁଘରର କେନ୍ଦ୍ରବିନ୍ଦୁ ମୋର ଜୀବନସାଥୀ ପତିଦେବଙ୍କୁ, ତାଙ୍କର ଅନାବିଳ ପ୍ରେମ ଓ ମନଭୁଲା ଆଦରଯତ୍ନକୁ। ପରିବାର ସଦସ୍ୟମାନଙ୍କର ନିଷ୍କପଟ ସ୍ନେହ ଶ୍ରଦ୍ଧା ଓ ଘର ଭିତରର ଅନୋପଚାରିକ ବାତାବରଣରେ ଦିନ ପରେ ଦିନ ବିତି ଯାଉଥିଲା ହସଖୁସିରେ ଓ ପରସ୍ପରକୁ ନିଜର କରିବାର ପ୍ରୟାସରେ।

ତାପରେ ଭଲପାଇଲି ଓ ନିଜର କଲି କେନ୍ଦୁଝର ମାଟିକୁ ଓ ତାର ପାଣିପବନକୁ। ସେଠାକାର ଆରଣ୍ୟକ ସବୁଜିମା ଓ ସୁନ୍ଦରତାକୁ। ସୂର୍ଯ୍ୟକିରଣ ସନ୍ଧାନରେ ଉପରକୁ ଉଠି ଯାଇଥିବା ଲମ୍ବା ଲମ୍ବା ଶାଳଗଛର ସବୁଜ ବନାନି ଓ ତା ଭିତରେ ଛାଇ ଛାଇ ଆଲୁଅ ଦେଉଥିବା ଆକାଶର କପାଳରେ ହସୁଥିବା ପୁନେଇ ଜହ୍ନ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କରେ। ସକାଳୁ କୁହୁଡ଼ି ଭରା ସୁଉଚ୍ଚ ପାହାଡ଼, ଦୂର ଝରଣାରୁ ଆସୁଥିବା କୁଳୁ କୁଳୁ ନାଦ, କୁକୁଡ଼ାର ଡାକ, କୁମ୍ଭାଟୁଆ ଡାକ, ଝଙ୍କାଳିଆ ବର ଅଶ୍ୱତ୍ଥ ବୃକ୍ଷମାନଙ୍କରେ ବସା ବାନ୍ଧିଥିବା ରଙ୍ଗବିରଙ୍ଗ ଚଢ଼େଇର କାକଳି ଓ ତା ସହିତ ଚଷାଭାଇ ବିଲକୁ ହଳ ନେଲାବେଳର ବଳଦକୁ ଆକଟ ଓ ତାର ବେସୁରା ରାଗିଣୀ ଅନ୍ୟ ଏକ ପୃଥିବୀର ପ୍ରତ୍ୟୟ ସୃଷ୍ଟି କରେ। ବର୍ଷାଦିନେ ଆକାଶରେ ଝିପିଝିପି ବର୍ଷା, ସୌଦାମିନୀର ଚପଳାମି, ଘଡ଼ଘଡ଼ିର ତାଗିଦା ବେଳେବେଳେ ବଡ଼ ବଡ଼ କୁଆପଥର ବୃଷ୍ଟି ଝରକାକୁ ଅଧା ଖୋଲି ନିରୀକ୍ଷଣ କଲେ ମନ ବିମୋହିତ ହୁଏ। ଶରତ କାଳର ଆକାଶରେ କୁଆଁରପୁନେଇଁ ଚକାଜହ୍ନ ଓ ମାସେ କାଳ କୁଆଁରୀ ମାନଙ୍କର ଉତ୍ତମ ବର ମନାସୀ ସଞ୍ଜ ବେଳେ ଗାଉଁଲୀ ବୋଲିଲେ ଜହ୍ନିଓଷା ପାଳନ ସତରେ ନିଆରା। କାର୍ତ୍ତିକମାସରେ ଲିପାପୋଛା ଚଉଁରାମୂଳ, ପଞ୍ଚୁକରେ ମୁରୁଜ, ବଡ଼ ଓଷାରେ ଖଳାରେ ତରଣ ଓ ଗଜ ଭୋଗ, କାର୍ତ୍ତିକ ପୁନେଇଁରେ ପୋଖରୀରେ ଡଙ୍ଗା ଭସାର ଆନନ୍ଦ ଦେଖେ କିଏ। ମାର୍ଗଶୀର ମାସରେ ଗାଁଯାକ ରଙ୍ଗ ରଙ୍ଗିଆ ମାଟିରେ ଘର, ବାରଣ୍ଡା ଓ ଦାଣ୍ଡ ଅଗଣା ଲିପାପୋଛା କରି ତା ଉପରେ ପିଠଉରେ କୋଟିକମ ଝୋଟି ଓ ଧାନ ମେଣ୍ଟିର ସୌନ୍ଦର୍ଯ୍ୟ କେନ୍ଦୁଝରର ଆଦିବାସୀ ବହୁଳ ଝିଅବୋହୁଙ୍କର ଅପୂର୍ବ କଳାକୃତି। ମାଣବସା ଦିନ ପୋଖରୀରୁ ପଦ୍ମଫୁଲ, କଇଁଫୁଲ, ଖଳାବାଡ଼ିରୁ ସୁନାରଙ୍ଗର ଗେଣ୍ଡୁଫୁଲ ଓ ବାଡ଼ରେ ଲାଗିଥିବା ସୁବାସିତ କୋରେଇ ଫୁଲ ସଂଗ୍ରହକରି ମାଣ ଉପରେ ଧାନ ଗୁଆ ଓ ଧାନମେଣ୍ଟି ରଖି ମା'ଲକ୍ଷ୍ମୀଙ୍କୁ ସ୍ଥାପନା କରି ଗୃହିଣୀମାନେ ମନାସୁ ଥାଆନ୍ତି ମା'ମୋର ଅନ୍ନଦାତ୍ରୀ, ବର୍ଷାସାରା ପିଲାମାନଙ୍କ ପେଟକୁ ଦାନା ଓ ପିଠିକୁ କନା ଯୋଗାଇ ଘଣ୍ଟ ଘୋଡ଼ାଇ ରଖିଥା'। ଗାଁ ତମାମ ଝୁଣା ବାସ୍ନାରେ ଲାଗୁଥାଏ ସତେ ଅବା ମା'କମଳିନୀ ପଦ୍ମଫୁଲିଆ ଝୋଟିକୁ ଶରଧାକରି ଘରେ ଘରେ ପଶିଯାଉଛନ୍ତି। ଫଗୁଣ ମାସର ଦୋଳଯାତରା ଆହୁରି ମନ ଲୋଭା। ଦୋଳ ବିମାନକୁ ଗେଣ୍ଡୁ, ଟଗର, ଆମ୍ବଡାଳ ଓ ଆମ୍ବକଷିରେ ସଜାଇ ଶ୍ରୀରାଧା ମାଧବଙ୍କୁ ତହିଁରେ ସ୍ଥାପନ କରନ୍ତି ଓ ଗାଁ ଯାକ ବିମାନ କାନ୍ଧେଇ ଭକତମାନେ ଝାଞ୍ଜ ମୃଦଙ୍ଗ ବଜାଇ ଅପେକ୍ଷାରତ ଗ୍ରାମବାସୀଙ୍କ ଘରକୁ ଯାଆନ୍ତି। ଅବିର ଖେଳ ମଧ୍ୟରେ ଘର ଘର ବୁଲି ଠାକୁର ଭୋଗ ଖାଆନ୍ତି। ଖରାଦିନେ ରଜପର୍ବ କେନ୍ଦୁଝରର ସବୁଠାରୁ ବଡ଼ ପର୍ବ। ଘରେ ଘରେ ଦୋଳିଖେଳ, ଆମ୍ବତୋଟାରେ ସାହି ପିଲାଙ୍କ ବାଉଁଶ ଦୋଳି ଖେଳ, ଚକଡ଼ା ଉପରେ ଦଳ ଦଳ ହୋଇ ଲୋକମାନଙ୍କ ତାସ ଖେଳ, ଘର ଭିତରେ ଝିଅ ବୋହୁଙ୍କ ଲୁଡୁ ଓ କଉଡି ଖେଳ, ପୋଡପିଠା ଓ ଖାସି ମାଂସ ତରକାରୀର ବାସ୍ନା କେନ୍ଦୁଝରର





ସ୍ୱାତନ୍ତ୍ର ବହନ କରେ। ଶ୍ୟାମଳୀ ଆଦିବାସୀ ଝିଅଙ୍କ ନାଲି ହଳଦିଆ ନେଳିଆ ରଙ୍ଗର ନୂତନ ବସ୍ତ୍ର ପରିଧାନ ଓ ନାଲିନେଳି ରିବନ ଫିତାରେ ବେଣୀ ବନ୍ଧନ, କପାଳରେ ଚନ୍ଦନ ଟିପା, ପାଦରେ ପଟା ପଟା ନାଲିଆ ଅଳତାରେ ସେମାନଙ୍କ ଆନନ୍ଦ କିପରି ଆକାଶଚୁମ୍ବୀ ତାହା ବର୍ଣ୍ଣନା କରିବା କଷ୍ଟସାଧ। ତିନିଦିନ ରଜ ପାଳନ ପରେ ବସୁମତୀ ଗାଧୁଆ ଦିନ ଗାଁ ନଳନା ମାନେ ଗାଁ ଫଟାଇ ଦିଅନ୍ତି ସଂଗୀତର ମୂର୍ଚ୍ଛନାରେ, ସେ ସଙ୍ଗୀତର ଅର୍ଥ କେବଳ ସେମାନେ ବୁଝିବେ କିମ୍ବା ମା'ବସୁମତୀ ବୁଝିବେ, ସେମାନେ ଯାଆନ୍ତି ଗାଁ ମୁଣ୍ଡକୁ ରଜପର୍ବକୁ ବାଟେଇ ଦେବା ପାଇଁ। ପରବର୍ଷ ଜଲଦି ଆସିବା ପାଇଁ ନିମନ୍ତ୍ରଣ ଜଣାଇ ଆସନ୍ତି। ବାସ୍ତବିକ କେନ୍ଦୁଝର! ତୋ କଥା ଭାବି ବସିଲେ ଭାସିଆସେ ମହୁଲ ଫୁଲର ବାସ୍ନା, ସୁନାରଙ୍ଗର ସୋରିଷ କିଆରୀ, ମାଣ୍ଡିଆ କିଆରୀ ଓ ଜଙ୍ଗଲୀ ଫୁଲର ମହକ। ଜୀବନ ଜୀବିକା ପାଇଁ ଆଜି ପୁଣି ଫେରି ଆସିଲୁ କଟକ ସହର। ପିଲାଛୁଆଙ୍କ ସଂସାରରେ ଓ କର୍ତ୍ତବ୍ୟ ପାଳନରେ ଦିନଯାଇ ରାତି ଆସୁଛି। ଦିନପରେ ଦିନ ବିତି ଯାଉଛି ସଂସାର ବନ୍ଧନରେ। ହେଲେ ତୋ କଥା ଭାବିଲେ ମୋ ପ୍ରିୟ କେନ୍ଦୁଝର ସ୍ମୃତି ସବୁ ଭାସି ଭାସି ଆସେ ମାନସପଟରେ। ଗାଁ ପରି ପ୍ରତୀୟମାନ ହେଉଥିବା ସେ ଘର ଆଜି ଶୂନଶାନ। ନୀରବରେ ନିଃଶ୍ୱାସ ମାରି ଖୋଜୁଛି ତା କୋଳରେ ବଢ଼ିଥିବା ସେଇ ପୁରୁଣା ମୁହଁ ସବୁକୁ। ସମସ୍ତେ ଆଜି ସହରୀ ମୁହାଁ। ମନହୁଏ ଫେରିଯାଆନ୍ତି ତୋ କୋଳକୁ, ତୋର ସେଇ ନିରାମୟ ଶାନ୍ତ ନିର୍ମଳ ପରିବେଶକୁ ଓ ଗ୍ରାମବାସୀଙ୍କ ଅନାବିଳ ସ୍ନେହର ପରିଧି ମଧ୍ୟକୁ । କିନ୍ତୁ ନିରୁପାୟ । କେବଳ ସ୍ମୃତି ସବୁ ଚଳଚ୍ଚିତ୍ର ପରଦା ପରି ମନର ପରଦାରେ ଭାସି ଭାସି ଯାଉଛି।

*ପ୍ଲଟ ନଂ - ୧୦୮୨/ଡି, ମର୍କତ ନଗର,*
*ସେକ୍ଟର-୬, ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*







# କୋଭିଡ୍ ପରିଚାଳନାରେ ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ୍ : ବିଜେପି

**ଭୁବନେଶ୍ୱର :** କୋଭିଡ ପରିଚାଳନାରେ ରାଜ୍ୟସରକାର ସଂପୂର୍ଣ୍ଣ ଭାବେ ଫେଲ୍ ମାରିଛନ୍ତି । ରାଜ୍ୟରେ ପ୍ରତିଦିନ କୋଭିଡ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି । ଅନ୍ୟପଟେ କୋଭିଡ ମୃତ୍ୟୁ ସଂଖ୍ୟାକୁ ସରକାର ଲୁଚାଇ କମ୍ ମୃତ୍ୟୁ ହେଉଛି ବୋଲି ଦର୍ଶାଉଛନ୍ତି । ଏଭଳି ଏକ ସଙ୍କଟ ସମୟରେ ରାଜ୍ୟସରକାର ରାଜ୍ୟରେ କୋଭିଡ ପରିଚାଳନାକୁ ସଠିକ୍ ଢଙ୍ଗରେ ନକରି ରାଜନୈତିକ ଡ୍ରାମା କରିବା ଅତ୍ୟନ୍ତ ଅଶୋଭନୀୟ । ଖୋଦ୍ ମୁଖ୍ୟମନ୍ତ୍ରୀ କରୋନା ଯୁଦ୍ଧରେ ସହିଦ ହୋଇଥିବା ଲୋକଙ୍କ ନାଁ ରେ ମିଥ୍ୟା କହିବା ଏବଂ ସେମାନଙ୍କ ପରିବାର ଲୋକଙ୍କୁ ବିଭ୍ରାନ୍ତିକର କଥା କହି କେନ୍ଦ୍ର ସରକାରଙ୍କ ଉପରେ ମିଥ୍ୟା ଆରୋପ ଲଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଗତ ୭ ତାରିଖରେ ରାଜ୍ୟସରକାର ସହିଦ ୬୦ ଜଣ କୋଭିଡ ଯୋଦ୍ଧାଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇଥିବା ଏବଂ କେନ୍ଦ୍ରସରକାର କେବଳ ଜଣେ ସହିଦଙ୍କ ପରିବାରକୁ ସହାୟତା ଦେବା ପାଇଁ କହିଥିବା କଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରେସ ବିଜ୍ଞପ୍ତିରେ ପ୍ରକାଶିତ ହୋଇଥିଲା । ଏହି ତଥ୍ୟ ସଂପୂର୍ଣ୍ଣଭାବେ ଅମୂଳକ ଓ ଭିତିହୀନ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା କି, ସହିଦ ପରିବାରଙ୍କୁ ରାଜ୍ୟସରକାର ସମ୍ମାନ ଦେବା ପରିବର୍ତ୍ତେ ଏକ ମିଥ୍ୟା ତଥ୍ୟ ରଥି ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ବାସ୍ତବରେ ୩୦ ମାର୍ଚ୍ଚ୨୦୨୦ ରୁ ୮ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ରାଜ୍ୟସରକାର ୪୭ ଜଣ କୋଭିଡ ଯୋଦ୍ଧା ସହିଦ ହୋଇଛନ୍ତି ବୋଲି କେନ୍ଦ୍ରସରକାରଙ୍କୁ ତାଲିକା ପ୍ରଦାନ କରିଛନ୍ତି । ଏଥିରୁ ୪୧ ସହିଦ ପରିବାରଙ୍କୁ ଅନୁକଂପା ରାଶି ପ୍ରଦାନ ପାଇଁ ଇନସ୍ୟୁରାନ୍ସ ଭେରିଫିକେସନ ଚାଲିଥିବାବେଳେ ବାକି ୫ ଜଣ ସହିଦ୍ଙ୍କର କୌଣସି ତଥ୍ୟ କିମ୍ବା ସେ ସମ୍ବନ୍ଧିତ କାଗଜପତ୍ର ରାଜ୍ୟସରକାର କେନ୍ଦ୍ରକୁ ପଠାଇ ନାହାଁନ୍ତି । ଏପର୍ଯ୍ୟନ୍ତ ଗଂଜାମ ଜିଲ୍ଲାର ଜଣେ ସହିଦ ଡାକ୍ତରଙ୍କ ପରିବାରକୁ କେନ୍ଦ୍ର ସରକାର ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ରାଜ୍ୟସରକାର ମିଥ୍ୟା ନକହି ତଥ୍ୟ ସମ୍ବଳିତ କଥା କୁହନ୍ତୁ। ରାଜ୍ୟସରକାର ସଠିକ୍ ତଥ୍ୟ ନଦେଇ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ସହିଦ ପରିବାରଙ୍କ ଭାବନା ସହ ଖେଳିବା ଅତ୍ୟନ୍ତ ନିନ୍ଦନୀୟ ।



୨୧ଏପ୍ରିଲ ୨୦୨୦ରେ କୋଭିଡରେ ମୃତ୍ୟୁବରଣ କରିଥିବା ଆଗଧାଡିର ଯୋଦ୍ଧାଙ୍କୁ କେନ୍ଦ୍ରସରକାରଙ୍କ ସହାୟତା ପରେ ରାଜ୍ୟସରକାର ନିଜ ତରଫରୁ ଅତିରିକ୍ତ ୫୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ । ଏପର୍ଯ୍ୟନ୍ତ ଜଣେ ବି ପରିବାର କାହିଁକି ଏହି ଅନୁକଂପା ରାଶିରୁ ବଂଚିତ ଅଛନ୍ତି ତାହା ରାଜ୍ୟସରକାର ସ୍ପଷ୍ଟ କରନ୍ତୁ । ସେହିପରି ୨୮ ଜୁଲାଇରେ ୨୦୨୦ରେ କୋଭିଡରେ ମୃତ୍ୟୁବରଣ କରୁଥିବା ଅଙ୍ଗନବାଡି ଓ ଆଶାକର୍ମୀଙ୍କ ପରିବାରକୁ ମୃତକଙ୍କ ବୟସ ୬୦ ବର୍ଷ ହେବା ପର୍ଯ୍ୟନ୍ତ ମାସିକ ୭୫୦୦ ଏବଂ ୫୦୦୦ଟଙ୍କା ମାସିକ ସହାୟତା ରାଶି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କିନ୍ତୁ ଏହା ଭିତରେ ୨ ମାସ ବିତିଥିଲେ ବି ଏଯାବତ୍ କୌଣସି ଯୋଦ୍ଧାଙ୍କ ପରିବାରକୁ ଟଙ୍କାଟିଏ ବି ମିଳିନାହିଁ। ମୁଖ୍ୟମନ୍ତ୍ରୀ କାହିଁକି ଏପର୍ଯ୍ୟନ୍ତ ମୃତକ ଅଙ୍ଗନବାଡି ଓ ଆଶାକର୍ମୀଙ୍କ ପରିବାରକୁ ସହାୟତା ଦେଉନାହାଁନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି । କୋଭିଡ ନିୟନ୍ତ୍ରଣରେ କେନ୍ଦ୍ର ସରକାର ରାଜ୍ୟସରକାରଙ୍କୁ ବ୍ୟାପକ ସହାୟତା ଯୋଗାଇଦେଇଥିବା ସମୟରେ ରାଜ୍ୟସରକାର ଏହି ଅନୁଦାନକୁ ବିନିଯୋଗ କରିପାରିନାହାଁନ୍ତି । କେନ୍ଦ୍ରସରକାର ୫୬୭ଟି ଭେଂଟିଲେଟର ଯୋଗାଇଥିବାବେଳେ ରାଜ୍ୟରେ ମାତ୍ର ୧୪୭ରୁ ୧୫୦ ଭେଂଟିଲେଟର କାର୍ଯ୍ୟକ୍ଷମ ହେଉଛି । ରାଜ୍ୟସରକାର ଭେଂଟିଲେଟରଗୁଡିକୁ କାର୍ଯ୍ୟକ୍ଷମ କରାଇଲେ ଆଇ.ସି.ୟୁ ବେଡ୍ ବୃଦ୍ଧିପାଇବ ଏବଂ ଗୁରୁତର କରୋନା ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ମିଳିଲେ କୋଭିଡ ମୃତ୍ୟୁହାର କମିବ । ଏଣୁ ରାଜ୍ୟସରକାର ନିଜ ଦାୟୀତ୍ୱ ସଠିକ୍ ଢଙ୍ଗରେ ତୁଲାଇବା ପାଇଁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟସରକାର ପ୍ରଫେସନାଲ ରୁଦାଲି ଭାବେ ବିଳାପ କରୁଛନ୍ତି । ସରକାର ନିଜର ଦାୟୀତ୍ୱ ଭୁଲି ଲୋକଙ୍କୁ କେବଳ ବିଭ୍ରାନ୍ତ କରୁଛନ୍ତି । ଅନ୍ୟରାଜ୍ୟରେ ବ୍ୟାପକ କୋଭିଡ ଟେଷ୍ଟିଂ ହେଉଛି କିନ୍ତୁ ରାଜ୍ୟରେ ସେତିକି ଟେଷ୍ଟିଂ କରାଯାଉନାହିଁ କାହିଁକି ? ଆଜି ସୁଦ୍ଧା ପଡୋଶୀ ଆନ୍ଧ୍ରପ୍ରଦେଶରେ ୬୩ ଲକ୍ଷ, କର୍ଣ୍ଣାଟକରେ ୬୦ଲକ୍ଷ, ତାମିଲନାଡୁରେ ୮୦ଲକ୍ଷ, ଉତରପ୍ରଦେଶରେ ୧ କୋଟି ୩୦ ଲକ୍ଷ ଏବଂ ବିହାରରେ ୮୧ ଲକ୍ଷ ଟେଷ୍ଟିଂ ସରିଥିବାବେଳେ ଓଡିଶାରେ ମାତ୍ର ୩୬ ଲକ୍ଷ ଟେଷ୍ଟିଂ କରାଯାଇଛି । ଏଥିରୁ ଜଣାପଡୁଛି କି, ରାଜ୍ୟସରକାର କୋଭିଡ ଟେଷ୍ଟିଂ, ଉନ୍ନତ ମାନର ଚିକିତ୍ସା ଯୋଗାଇବା ଏବଂ ମୃତ୍ୟୁହାର କମ୍ କରିବା ପାଇଁ ଆଦୌ ଚିନ୍ତିତ ନୁହଁନ୍ତି। ବିଗତ ଦିନରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଆସିଥିବା ବିଭିନ୍ନ ଘୋଷଣାକୁ ରାଜ୍ୟସରକାର ତୁରନ୍ତ ରାଜ୍ୟରେ ଲାଗୁ କରନ୍ତୁ । ଏହା ସହ ନିଜ ଭୁଲକୁ ରାଜ୍ୟସରକାର ସ୍ୱୀକାର କରି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ । ଆଗାମୀ ଏକ ସପ୍ତାହ ଭିତରେ ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶୃତି ରକ୍ଷା କରି ରାଜ୍ୟସରକାରଙ୍କ ତରଫରୁ ସହିଦ କୋଭିଡ ଯୋଦ୍ଧାଙ୍କ ପରିବାରକୁ ଅତିରିକ୍ତ ୫୦ଲକ୍ଷ ଟଙ୍କାର ସହାୟତା ଦେବା ସହ ଅଙ୍ଗନବାଡୀ ଓ ଆଶାକର୍ମୀଙ୍କ ପରିବାରକୁ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସର ସହାୟତା ରାଶି ପ୍ରଦାନ କରିବା ପାଇଁ ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ।



# ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାରକୁ ମଞ୍ଜୁରୀ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ୍ ବୈଠକରେ ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାରକୁ ମଞ୍ଜୁରି ଦିଆଯାଇଥିବା ବେଳେ ଏହା ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ଦିଗରେ ବଡ଼ ପଦକ୍ଷେପ ବୋଲି କେନ୍ଦ୍ର କ୍ୟାବିନେଟ୍ ନିଷ୍ପତି ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ନୀତିଗତ ସଂସ୍କାରକୁ ମଞ୍ଜୁରି ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଦେଶର ଲୋକମାନଙ୍କ ପାଖରେ ସ୍ୱଚ୍ଛ ଉର୍ଜା ପହଁଚାଇବା ଭାରତ ସରକାରଙ୍କ ଲକ୍ଷ୍ୟ। ଏହି ଆଧାରରେ ଏହି ସଂସ୍କାର ଅଣାଯାଇଛି। ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ପ୍ରକ୍ରିୟା, ନିର୍ଦ୍ଦିଷ୍ଟ ଫିଲଡ୍ ଡେଭଲପମେଣ୍ଟ୍ ପ୍ଲାନ (ଏଫଡ଼ିପି)ର ମାର୍କେଟିଂର ସ୍ୱାଧୀନତା, ବିଡ଼ିଂ ପ୍ରକ୍ରିୟାରେ ଜଡ଼ିତ ଗ୍ୟାସ ଉତ୍ପାଦନକାରୀ ସଂସ୍ଥାକୁ ଗ୍ୟାସ ବିକ୍ରି କରିବାକୁ ଅନୁମତି ଦେବା ଏବଂ ଉତ୍ପାଦନ ବଣ୍ଟନ ଚୁକ୍ତିରେ ମୂଲ୍ୟ ସ୍ଥିର କରିବାର ସ୍ୱାଧୀନତା ପ୍ରଦାନ କରିବାକୁ ଏହି ନୀତିର ଉଦ୍ଦେଶ୍ୟ ରହିଛି। ଭାରତ ସରକାର ଗ୍ୟାସ ବ୍ୟବହାରକୁ ବଢ଼ାଇବା ଏବଂ ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେବା ପାଇଁ ଗ୍ୟାସ ଭିତ୍ତିଭୂମିକୁ ମଜବୁତ୍ କରିବା ପାଇଁ ୪ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୁଞ୍ଜିନିବେଶ କରାଯାଉଛି। ଏହି ମର୍ମରେ ଆଜି ଷ୍ଟାଣ୍ଡାଡାଇଜଡ୍ ଇ-ବିଡ଼ିଂ ପ୍ରକ୍ରିୟାକୁ କ୍ୟାବେନଟ୍ ମଞ୍ଜୁରି ଦେଇଛି। ଡାଇରେକ୍ଟର ଜେନେରାଲ ଅଫ୍ ହାଇଡ୍ରୋକାର୍ବନ ଏହି ଇଂ-ବିଡି ପ୍ଲାଟଫର୍ମକୁ ଉତ୍ପାଦନକାରୀ ସଂସ୍ଥାଙ୍କ ସାମ୍ନାରେ ଆଣିବେ ଏବଂ ଏଥିରେ ସରକାରୀ, କ୍ରେଡେବୁଲ ପ୍ଲାଟଫର୍ମ ହେବ, ନିୟମାବଳୀ ଜାରୀ କରାଯିବ ଓ ସୁବିଧା ନିମନ୍ତେ ଆନୁଷାଙ୍ଗିକ ବ୍ୟବସ୍ଥା ରଖାଯିବ । ଉତ୍ପାଦନକାରୀ ସଂସ୍ଥାଙ୍କ ହାତରେ ପ୍ଲାଟଫର୍ମ ଚୟନ କରିବାର ସ୍ୱାଧୀନତା ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାର ଅନ୍ୱେଷଣ ଓ ଉତ୍ପାଦନ କ୍ଷେତ୍ର(ଇ ଆଣ୍ଡ ପି)ରେ ଥିବା ପ୍ରତିବନ୍ଧକକୁ ଦୂର କରିବ। ଏହି ଇ-ବିଡ଼ିଂ ପ୍ରକ୍ରିୟାରେ ଆଫିଲିଏଟ୍ କମ୍ପାନୀ ଗୁଡ଼ିକ ଅଂଶୀଦାର ହୋଇପାରିବେ। ଭାରତର ଅଶୋଧିତ ତୈଳ ଆମଦାନୀର ନିର୍ଭରତାକୁ ହ୍ରାସ କରିବାର ଉଦ୍ଦେଶ୍ୟକୁ ପୂରଣ କରିବ । ଏହି ନୀତି ଗ୍ୟାସ ମାର୍କେଟିଂରେ ସହାୟକ ହେବ ଏବଂ ଅଧିକ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବ । ଗ୍ୟାସ କ୍ଷେତ୍ରରେ ଅଣାଯାଇଥିବା ଏହି ସଂସ୍କାର ଦେଶର ଆର୍ଥିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । ଏହାସହ ଇଜ୍ ଅଫ୍ ଡୁଇଂ ବିଜନେସକୁ ଅଧିକ ଦୃଷ୍ଟିରେ ରଖାଯାଇ ଅଣାଯାଇଥିବା ନୀତି ପ୍ରାକୃତିକ ଗ୍ୟାସର ମାର୍କେଟିଂ ଓ ଭିତିଭୂମିକୁ ଅଧିକ ସ୍ୱଚ୍ଛ କରିବ। ପ୍ରାକୃତିକ ଗ୍ୟାସର ଘରୋଇ ଉତ୍ପାଦନରେ ପୁଞ୍ଜନିବେଶ ବୃଦ୍ଧି ଏବଂ ଆମଦାନୀ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଆତ୍ମନିର୍ଭର ଭାରତ ଦିଗରେ ଏହି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ୫ ନୂଆ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର :** କରୋନା ରାଜ୍ୟ ଅର୍ଥନୀତିକୁ ପ୍ରଭାବିତ କରିଛି ସତ, ହେଲେ ପ୍ରଶାସନର ମନୋବଳକୁ ଭାଙ୍ଗି ପାରିନାହିଁ। ରାଜ୍ୟ ସରକାର ଶିଳ୍ପାୟନଧାରା ଅବ୍ୟାହତ ରଖିଛନ୍ତି। ଗତକାଲି ୧୦ଟି ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇଥିବା ୨ଟିର ଶିଳାନ୍ୟାସ କରାଯାଇଥିଲା। ଏହାର ଠିକ୍ ୨୪ ଘଣ୍ଟା ପରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଅଧ୍ୟକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ଅଥରିଟି କମିଟି ଦ୍ୱାରା ୫ଟି ନୂଆ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ପ୍ରାୟ ୧୮୫୧.୯୬ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହାଦ୍ୱାରା ପ୍ରାୟ ୧୬୨୪ ବ୍ୟକ୍ତିବିଶେଷଙ୍କୁ ରୋଜଗାର ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ବାର୍ଷିକ ୨.୦ ମିଲିୟନ ଟନ କ୍ଷମତା ବିଶିଷ୍ଟ ପେଲେଟ ଏବଂ ଗ୍ରାଇଣ୍ଡିଂ ପ୍ଲାଣ୍ଟ। ଏହା କେନ୍ଦୁଝର ଜିଲ୍ଲାରେ ନରଭେରଲ ପାୱାର ଏଣ୍ଡ ଷ୍ଟିଲ୍ ପ୍ରାଃ ଲିଃ ଦ୍ୱାରା କରାଯିବ। ଏହି ୩୫୦ କୋଟି ଟଙ୍କାର ନିବେଶ ଜରିଆରେ ୨୫୮ ଜଣଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଇପାରିବ। ଦ୍ୱିତୀୟତଃ ସମ୍ବଲପୁର ସ୍ଥିତ ଭିରାଜ ଷ୍ଟିଲ ଏଣ୍ଡ ଏନର୍ଜି ପ୍ରାଃ ଲିଃ ସମ୍ପ୍ରସାରଣ କରାଯିବ। ଯାହାର କ୍ଷମତା ବାର୍ଷିକ ୦.୧ ମିଲିୟନ ଟନ ରହିଥିଲା। ଏହାକୁ ବର୍ତ୍ତମାନ ୦.୩ ମିଲିୟନ କ୍ଷମତା ବିଶିଷ୍ଟ କରାଯିବ। ୨୬୧.୭୧ କୋଟି ଟଙ୍କାର ନିବେଶ ଦ୍ୱାରା ୩୩୮ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି। ତୃତୀୟରେ ସୁନ୍ଦରଗଡ ତୁମକେଲାଠାରେ ବିଆର ସ୍ପଞ୍ଜ ଏଣ୍ଡ ପାୱାର ପ୍ଲାଣ୍ଟର ସମ୍ପ୍ରସାରଣ କରାଯିବ। ଏହାକୁ ବାର୍ଷିକ ୦.୨୧ ମିଲିୟନ ଟନ୍ କ୍ଷମତା କରାଯିବ। ଚତୁର୍ଥ ପ୍ରକଳ୍ପଟି ହେଉଛି ଯାଜପୁର ଜିଲ୍ଲା କଳିଙ୍ଗନଗରରେ ହେବାକୁ ଥିବା ଏହି ପ୍ରକଳ୍ପରେ ୫୯୮.୬୨ କୋଟି ଟଙ୍କା ନିବେଶ କରାଯିବ। ସେହିପରି କଟକସ୍ଥିତ ଓସିଏଲ୍ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟରେ ମଧ୍ୟ ୪୪୧.୪୩ କୋଟି ଟଙ୍କାର ନିବେଶ ସହ ୧୪୧ ବ୍ୟକ୍ତିଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ।

# ସାଂସଦ ଅପରାଜିତାଙ୍କ ଅଫିସ୍ ସିଲ୍



**ଭୁବନେଶ୍ୱର :** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କୋଭିଡ୍ ନିୟମକୁ ବେଖାତିର କରିଥିବା ଅଭିଯୋଗରେ ତାଙ୍କ ଅଫିସକୁ ୧୫ ଦିନ ପାଇଁ ସିଲ୍ କରିଛି ବିଏମ୍‌ସି। ଶ୍ରୀମତୀ ଷଡ଼ଙ୍ଗୀ ତାଙ୍କ ଜନ୍ମଦିନ ପାଳନ ବେଳେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମକୁ ଭଙ୍ଗ କରିଥିଲେ। ପଳାସପଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଜନ୍ମଦିନ ପାଳନ ସମୟରେ ବହୁ ସମର୍ଥକ ଓ ଶୁଭେଚ୍ଛୁ ଏକାଠି ହୋଇଥିଲେ। ସେମାନେ ନା ମାସ୍କ ପିନ୍ଧିଥିଲେ ନା ସାମାଜିକ ଦୂରତ୍ୱ ରଖିଥିଲେ ବୋଲି ବିଏମ୍‌ସି ଅଭିଯୋଗ ଆଣିଛି। ଏନେଇ ବିଏମ୍‌ସି ଓ ଏୟାରପୋର୍ଟ ପୁଲିସ୍‌ର ମିଳିତ ଟିମ୍ ପକ୍ଷରୁ ଶ୍ରୀମତୀ ଷଡ଼ଙ୍ଗୀଙ୍କ ପଳାସପଲ୍ଲୀ ଦଳୀୟ କାର୍ଯ୍ୟାଳୟ ପ୍ଲଟ୍ ନମ୍ବର ଏ-୫୬କୁ ସିଲ୍ କରାଯାଇଛି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ବିରୋଧରେ ଓଡ଼ିଶା କୋଭିଡ-୧୯ ରେଜୁଲେସନ୍ ୨୦୨୦ର ଦଫା ଅନୁସାରେ ୪-ଏ, ୪-ସି ଓ ୪-ଡି ଆଧାରରେ ସିଲ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଶ୍ରୀମତୀ ଷଡ଼ଙ୍ଗୀ ବାରମ୍ବାର କୋଭିଡ୍ ନିୟମକୁ ଉଲ୍ଲଂଘନ କରିଚାଲିଛନ୍ତି। ବିଭିନ୍ନ ମହଲରୁ ଅଭିଯୋଗ ପାଇଲା ପରେ ତାଙ୍କ ଅଫିସ୍ ସିଲ୍ କରାଯାଇଛି। ଶୁକ୍ରବାର ସକାଳୁ ବିଏମ୍‌ସିର ଏକ ଟିମ୍ ସିଲ୍ କାର୍ଯ୍ୟରେ ବାହରିଥିଲେ। ବିଏମ୍‌ସି ଅତିରିକ୍ତ କମିଶନର ଅବନୀ ପଟ୍ଟନାୟକ ଓ ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସିଲ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେମାନେ ସାଂସଦଙ୍କ କାର୍ଯ୍ୟାଳୟରେ ପହଞ୍ଚି, ଘଟଣାର ସରଜମିନ ତଦନ୍ତ କରି କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ଏହା ପରେ ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଗତ ୮ ତାରିଖରେ ସାଂସଦଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିବା ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବା ସହିତ କୋଭିଡ ଟେଷ୍ଟ କରାଯିବ। ଯଦି କେହି କରୋନା ଆକ୍ରାନ୍ତ ଚିହ୍ନଟ ହୁଅନ୍ତି, ହୋମ ଆଇସୋଲେସନରେ ରହିବେ। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଭୁବନେଶ୍ୱର ସାଂସଦଙ୍କ ଜନ୍ମଦିନ ଉପଲକ୍ଷେ ଏକ ଭୋଜିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଭିଡ ନିୟମର ଉଲ୍ଲଙ୍ଘନ ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ସେହି ଆଧାରରେ ଆଜି ବିଏମ୍‌ସି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ କରି ସେଠାରେ ମାସ୍କ ନପିନ୍ଧିବା, କଟକଣା ସତ୍ତ୍ୱେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ଲୋକ ଏକାଠି ହେବା ଏବଂ ସାମାଜିକ ଦୂରତା ଅବଲମ୍ବନ କରାଯାଇ ନଥିଲା।

## ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ

# ନଭେମ୍ବର ୩ରେ ମତଦାନ



**ଭୁବନେଶ୍ୱର :** ନଭେମ୍ବର ୩ ତାରିଖରେ ବାଲେଶ୍ୱର ସଦର ଓ ତିର୍ତ୍ତୋଲରେ ହେବ ଉପନିର୍ବାଚନ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମହାମାରୀ କରୋନା ଯୋଗୁ ଏଥର ପ୍ରଥମଥର ପାଇଁ ୮୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ କରୋନା ସଂକ୍ରମିତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନେ ପୋଷ୍ଟାଲ ବାଲଟ୍‌ରେ ନିଜର ମତଦାନ ସାବ୍ୟସ୍ତ କରିବେ। କରୋନା ଆକ୍ରାନ୍ତ ବ୍ୟକ୍ତି, ଯେଉଁମାନେ ହୋମ ଆଇସୋଲେସନରେ ଥିବେ, ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଅଧିକ ବୟସର ଭୋଟରମାନଙ୍କ ଲାଗି ପୋଷ୍ଟାଲ ବାଲଟ ବ୍ୟବସ୍ଥା ହୋଇଛି। କୋଭିଡ୍ ସଂକ୍ରମିତ ପୋଷ୍ଟାଲ ବାଲାଟରେ ମତଦାନ କରିବା ବାଧ୍ୟତାମୂଳକ କରାଯାଇଛି। ଯେଉଁମାନଙ୍କର ମତଦାନ କେନ୍ଦ୍ରରେ କରୋନା ଚିହ୍ନଟ ହେବ, ସେମାନେ ଶେଷ ଘଣ୍ଟାଏ ମଧ୍ୟରେ ମତଦାନ କରିବେ। ପୋଷ୍ଟାଲ ଭୋଟ ପାଇଁ ୧୪ ତାରିଖ ସୁଦ୍ଧା ଫର୍ମ-୧୨ ଭରିବାକୁ ପଡିବ ଓ ୨୧ରୁ ୧ ଯାଏ ପୋଲିଂ ଅଧିକାରୀ ପୋଷ୍ଟାଲ ବାଲାଟ ସଂଗ୍ରହ କରିବେ। ସେହିପରି ନିର୍ବାଚନରେ ଲଢୁଥିବା ପ୍ରାର୍ଥୀଙ୍କ ପାଇଁ ଜାରି ହୋଇଛି ନିର୍ଦ୍ଦେଶନାମା। ନାମାଙ୍କନ ଦାଖଲ ପାଇଁ ପ୍ରାର୍ଥୀଙ୍କ ସହିତ କେବଳ ଦୁଇଜଣ ସମର୍ଥକ ଯାଇ ପାରିବେ। ନାମାଙ୍କନ ଲାଗି କେବଳ ଦୁଇଟି ଗାଡି ବ୍ୟବହାର କରିପାରିବେ। ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର ପାଇଁ ସର୍ବାଧିକ ୫ଜଣଙ୍କୁ ଅନୁମତି ମିଳିବ। ପବ୍ଲିକ ମିଟିଂ ପାଇଁ ସ୍ଥାନ ଚୟନ ହେବ। ୧୦୦ ଭିତରେ ସୀମିତ ରହିବ ସଂଖ୍ୟା। ନୋମିନେସନ ଦାଖଲ ପାଇଁ ଏକ ବଡ କୋଠରୀର ବ୍ୟବସ୍ଥା କରିବେ ଜିଲ୍ଲା ପ୍ରଶାସନ। ଭୋଟରଙ୍କ ତାପମାତ୍ରା ମାପିବା, ସାନିଟାଇଜର, ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ପାଳନ କରିବେ। ଭୋଟରମାନେ ଗ୍ଲୋଭର ପିନ୍ଧି ଭୋଟ ଦେବେ। ଏଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ଗ୍ଲୋଭ ପ୍ରଦାନ କରାଯିବ। ପ୍ରତି ବୁଥ୍‌ରେ ସର୍ବାଧିକ ୧ ହଜାର ଭୋଟର ଭୋଟ ଦେବାକୁ ବ୍ୟବସ୍ଥା କରାଯାଇଛି। କରୋନା ଦୃଷ୍ଟିରୁ ଭୋଟ ଗ୍ରହଣ ପାଇଁ ୪୦ ରୁ ୫୦% ବୁଥ୍ ବଢ଼ାଯାଇଛି। ଭୋଟ ଗ୍ରହଣ ଦିନ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ, ମାସ୍କ ବାଧ୍ୟତାମୂଳକ। ମାସ୍କ ପିନ୍ଧି ନଥିଲେ ପ୍ରଶାସନ ପକ୍ଷରୁ ଦିଆଯିବ। ଗ୍ଲୋଭ୍‌ସ ପିନ୍ଧି ଭୋଟର ଇଭିଏମ୍ ବଟନ୍ ଚିପିବେ। ପ୍ରତି ଭୋଟର କରୋନା ସନ୍ଦେହ ହେଲେ, ଟୋକନ୍ ନେଇ ଶେଷ ଘଣ୍ଟାରେ ଭୋଟ ଦେବେ।

# ତିର୍ତ୍ତୋଲ ଉପନିର୍ବାଚନକୁ ନେଇ ବିଜେଡି କର୍ମୀଙ୍କ ମାହୋଲ

**ଜଗତସିଂହପୁର:** ଆସନ୍ତା ୩ତାରିଖରେ ତିର୍ତ୍ତୋଲ ସଂରକ୍ଷିତ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ବିଜେଡି, ବିଜେପି ଓ କଂଗ୍ରେସ ଦଳରେ ଗୋଷ୍ଠୀକନ୍ଦଳ ଲାଗି ରହିଥିବାର ଦେଖିବାକୁ ମିଳୁଥିବାବେଳେ ବିଜେଡି ତାର ପ୍ରାର୍ଥୀ ଘୋଷଣା କରିନଥିଲେବି କର୍ମୀମାନେ ତାଙ୍କ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପୁତ୍ର ବିଜୟ ଶଙ୍କର ଦାସଙ୍କୁ ଜିତାଇ ଦେବାପାଇଁ ଭାବପ୍ରବଣ ହୋଇପଡି କାର୍ଯ୍ୟକ୍ରମ ସବୁ ଆରମ୍ଭ କଲେଣି। ସେମାନଙ୍କର ଗୋଟିଏ ମତ ହେଲା ଯେ, ସବୁ ଉପନିର୍ବାଚନ ବେଳକୁ ଦଳ ସୁପ୍ରିମୋ ତାଙ୍କ ପରିବାରକୁ ଦାବିଦାର ଭାବେ ଗ୍ରହଣ କରି ମୋହର ମାରିଥାନ୍ତି, ତେଣୁ ଏଥର ବି ସେହି ଇସାର ବାଜି ରହିବ। ଯେତେ ଦାବିଦାର ଥିଲେବି ମୋହର ମାରିବାରେ ବ୍ୟତିକ୍ରମ ହେବନାହିଁ । ସେହିପରି କଂଗ୍ରେସ ତାର ପ୍ରାର୍ଥୀ ଘୋଷଣା କରିନଥିଲେବି ଦୁଇ ବିଶ୍ୱାଳ ଭାଇଙ୍କର ଏକୋଇରବଳା ବିଶିକେଶନ ଭାବେ ଯୁବ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ପ୍ରଚାର ମଇଦାନକୁ ଛାଡିଦେଇ କଂଗ୍ରେସ ଭୋଟ ହାର ବଢେଇବା ପାଇଁ ଗତି ବିଧି ଉପରେ ତୀକ୍ଷଣ୍ ନଜର ରଖି ବିଜେଡି, ବିଜେପିର ଅସନ୍ତୁଷ୍ଟ କର୍ମୀ ମାନଙ୍କୁ ହାତେଇ ଆଣିବାର ଚେଷ୍ଟାରେ ଲାଗି ପଡିଛନ୍ତି। ବିଜେଡି ଦଳ କର୍ମୀ ମାନଙ୍କ ମଧ୍ୟରେ ଥିବା ଅଶାନ୍ତି, ଭୁଲ ବୁଝାମଣା ଆଦିକୁ ଭୁଲି ସେମାନେ ଏକାଠି ହୋଇ କାର୍ଯ୍ୟ କରିବାକୁ ସେମାନଙ୍କ ପ୍ରଭାରୀମାନେ ଭୁବନେଶ୍ୱରକୁ ଡାକି ବୁଝାମଣା କରି ନେଇଥିବାରୁ ଦଳୀୟ କର୍ମୀମାନେ ଏଥର ଏକାଠି ହୋଇ କାମ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିରେ ଦଳ ସୁପ୍ରିମୋ ଯଦିଓ ମୁହଁ ଖୋଲିନଥିବାର କଥା କର୍ମୀମାନେ ଟୁପୁର ଟାପୁର ହେଉଛନ୍ତି କିନ୍ତୁ ବିଜୟ ଶଙ୍କରଙ୍କ ଉପରେ ମୋହର ଲାଗିଯାଇଛି ବୋଲି ତାଙ୍କ ସମର୍ଥକ ମାନେ କହିବୁଲିଲେଣି। ଏପରିକି ବହୁ ବୁଦ୍ଧିଜୀବି ମାନେ ମଧ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟି ପୂର୍ନବାର ବିଜେଡି ହାତରେ ରହିବ ବୋଲି ଆଶା ପ୍ରକାଶ କଲେଣି। ଏହି ଦୁଇ ଦଳର ଚୂଡାନ୍ତ ପ୍ରାର୍ଥୀ ତାଲିକା ଯଦିଓ ଘୋଷଣା କରାଯାଇ ନାହିଁ କିନ୍ତୁ ତାଲାରେ କୋଲପ ପଡି ରଖାଯାଇଛି ବୋଲି ଦଳିୟ ମହଲରେ ଚର୍ଚ୍ଚା ହେଉଛି। ନିର୍ବାଚନ ପାଖେଇ ପାଖେଇ ଆସୁଥିବା ବେଳେ ବିଜେପି ନେତାମାନଙ୍କ ମତାନ୍ତର ଓ ଦଳ ପରିବର୍ତ୍ତନ ଘଟଣା ବିଜେପି କର୍ମୀ ମାନଙ୍କୁ ଆଶଙ୍କାରେ ପକାଇ ଦେଲାଣି। ବିଜେପି ତାର କାହାକୁ ପ୍ରାର୍ଥୀ କରିବାକୁ ନେଇ ଆଶଙ୍କାରେ ଥିବାବେଳେ କର୍ମୀ ମାନଙ୍କ ମଧ୍ୟରେ ଦିନକୁ ଦିନ ବିବାଦ ବଢି ବଢି ଚାଲିଛି। ବିସ୍ଫୋରଣ ସ୍ଥିତିରେ ପହଁଚିଲାଣି ବିଜେପି କର୍ମୀ ଓ ନେତା ମନଙ୍କ ପ୍ରାର୍ଥୀ ଚୟନକୁ ନେଇ। ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଖବର ପ୍ରକାଶ ପାଉଛି ଯେ ବିଜେଡି ତାର ପ୍ରାର୍ଥୀ ଘୋଷଣା ନକରିବା ପର୍ଯ୍ୟନ୍ତ ବିଜେପି ତାର ପ୍ରାର୍ଥୀ ତାଲିକା ଘୋଷଣା କରିବ ନାହିଁ। ଏସବୁ କୁ ଦୃଷ୍ଟିରେ ରଖି ବିଜେପି ନେତୃ ମଣ୍ଡଳୀ ତାର ଦୁଇଜଣ ଦାବିଦାରଙ୍କୁ ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ଆବଶ୍ୟକ କାଗଜପତ୍ର ଯୋଗାଡ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିସାରିଲେଣି। ଏପରିକି ସରକାରଙ୍କ ସ୍ୱତନ୍ତ୍ର ବିଭାଗ ଶାଖା ଓ ଗୁଇନ୍ଦା ବିଭାଗ ପକ୍ଷରୁ କିଛି ନାମି, ଦାମୀ ଅଫିସରଙ୍କୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ପଠାଇ ଲୋକମାନଙ୍କ ଠାରୁ ମତାମତ ମଧ ସଂଗ୍ରହ କରୁଥିବାର ନଜିର ଦେଖିବାକୁ ମିଳୁଛି। ଏପରିକି ବିଜେଡି ପ୍ରାର୍ଥୀ ଦାବିଦାର ଥିବା ବିଜୟ ଶଙ୍କରଙ୍କ କର୍ମୀ ମାନଙ୍କ ଯାତାୟତ ଉପରେ ମଧ ନଜର ରଖାଯାଉଥିବାର ଦେଖିବାକୁ ମିଳୁଛି। ଏସବୁ କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କାହା ସପକ୍ଷରେ ଯିବ ତାକୁ ନେଇ ସନ୍ଦେହ ଉପୁଜିଲାଣି। ଜଗତସିଂହପୁର ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଥିବାବେଳେ ଭୋଟ ହାର ସଂଖ୍ୟା ମଧ କମିଯିବାର ଆଶଙ୍କା ସୃଷ୍ଟି ହେଲାଣି ଫଳରେ ବିଜୟୀ ପ୍ରାର୍ଥୀଙ୍କ ଭୋଟହାର ୨୦୧୯ ନିର୍ବାଚନ ଠାରୁ ବୃଦ୍ଧି ହେବ ନା କମିବ ତାକୁ ନେଇ ସନ୍ଦେହ ପ୍ରକାଶ ହେଲାଣି।

# +୩ ନାମଲେଖା ଅବଧି ୧୭ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର :** କରୋନା ସମସ୍ୟା ଲାଗି ଚଳିତବର୍ଷ ନାମଲେଖା ପ୍ରକ୍ରିୟାରେ ବିଳମ୍ବ ଘଟିଛି। ଏହି ପରିପ୍ରେକ୍ଷୀରେ ଏଥର ଆରମ୍ଭ ହୋଇଥିବା +୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିକୁ ୧୭ ଯାଏ ବୃଦ୍ଧି କରାଯାଇଛି। ପୂର୍ବରୁ ୬ତାରିଖ ପର୍ଯ୍ୟନ୍ତ ନାମଲେଖା ହେବ ବୋଲି ଧାର୍ଯ୍ୟ ହୋଇଥିବା ବେଳେ ୧୩ତାରିଖରେ ୨ୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ କରିବାକୁ ସ୍ଥିର ହୋଇଥିଲା। ସେହିପରି ଆସନ୍ତା ୧୩ରୁ ୧୭ତାରିଖ ପର୍ଯ୍ୟନ୍ତ ୨ୟ ପର୍ଯାୟ ନାମଲେଖା ହେବାକୁ ମଧ୍ୟ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ଦୈନିକ ୬୦ପିଲାଙ୍କର ନାମଲେଖା ହେଉଥିବାରୁ ପୂର୍ବ ନିର୍ଦ୍ଧାରିତ ସମୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇପାରରିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ଏହାକୁ ନଜର ଦେଇ ନାମଲେଖା ପ୍ରକ୍ରିୟା ଅବଧିକୁ ପୁଣି ଘୁଞ୍ଚାଇ ଦିଆଯାଇଛି। ତେବେ ଏହାପରେ ଆଉ ଏକ ପରିବର୍ଦ୍ଧିତ ବିଜ୍ଞପ୍ତି ୧୨ରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି